ଆଜି - ଶନିବାର
ତାରିଖ - ୧୦ ଅକ୍ଟୋବର ୨୦୨୬
ମାସ - କନ୍ୟା, ଦିନ - ୨୪
ତିଥି - ଅମାବାସ୍ୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ହସ୍ତା, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୩: ୦୦
ସୂର୍ଯ୍ୟାସ୍ତ - ୫ : ୨୫ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 178 R.N.I. REGD. No. 44026/86 ବାଲେଶ୍ୱର ୧୦ ଅକ୍ଟୋବର ୨୦୨୬ ଶନିବାର BALASORE 10 OCTOBER 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ସହସ୍ର ସମରରେ ବିଜୟ ଲାଭ କରିବା ଅପେକ୍ଷା ନିଜ ଉପରେ ବିଜୟ ଲାଭ କରିବା ଯଥେଷ୍ଟ ଉତମ । ତା'ପରେ ସଦା ସର୍ବଦା ତୁମର ବିଜୟ ହୋଇଥାଏ । ଏହାକୁ ତୁମଠାରୁ କାଢ଼ି ନିଆଯାଇ ପାରି ନଥାଏ । "
- ଗୌତମ ବୁଦ୍ଧ

# 'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସ ପାଳିତ







ବାଲେଶ୍ୱର : ଓଡ଼ିଶାର ଅଗ୍ରଣୀ ତଥା ଲୋକପ୍ରିୟ ଦୈନିକ ସମ୍ବାଦ ପତ୍ର 'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସ ସହରର ଓ.ଟି. ରୋଡ୍ ସ୍ଥିତ ସେଲିବ୍ରେସନ କଲ୍ୟାଣ ମଣ୍ଡପରେ ମହାସମାରୋହରେ ପାଳିତ ହୋଇଯାଇଛି । ଚାରି ଦଶନ୍ଧି ଧରି ନିରପେକ୍ଷ, ସତ୍ୟନିଷ୍ଠ ଏବଂ ଲୋକାଭିମୁଖୀ ସାମ୍ବାଦିକତା କ୍ଷେତ୍ରରେ 'ଆଜିକାଲି' ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ । ନିର୍ଭୀକ ଓ ସତ୍ୟ ସମ୍ବାଦ ସଂଗ୍ରହ ସହ ପରିବେଷଣ କ୍ଷେତ୍ରରେ ଦୀର୍ଘ ଚାଳିଶ ବର୍ଷ ଧରି ନିରନ୍ତର ଭାବେ 'ଆଜିକାଲି'ର ପ୍ରୟାସକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ସିମୁଳିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ସଭାପତି ଶ୍ରୀଯୁକ୍ତ ପଦ୍ମଲୋଚନ ପଣ୍ଡା, ଜଳେଶ୍ୱର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରବାସୀ ବିଶ୍ୱ ଓଡ଼ିଆ ସଂଗଠନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ କିଶୋର କୁମାର ଦ୍ୱିବେଦୀ ଏବଂ ବାଲେଶ୍ୱର ମ୍ୟୁନିସିପାଲିଟି ଚେୟାରମ୍ୟାନ ଶ୍ରୀମତୀ ସବିତା ସାହୁ, ରେମୁଣା ବ୍ଲକ ଚେୟାରମେନ ରାଜେନ୍ଦ୍ର ରାଉତ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ 'ଆଜିକାଲି' ସର୍ବଦା ସାଧାରଣ ଲୋକଙ୍କ ସ୍ୱର ହୋଇ ତୃଣମୂଳ ସ୍ତରର ସମସ୍ୟାକୁ ସାମ୍ନାକୁ ଆଣିବାରେ ସଫଳ ହୋଇଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । 'ଆଜିକାଲି'ର ପ୍ରକାଶକ କିଶୋର ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଆଜିକାଲି ର ପରିଚାଳନା ସମ୍ପାଦକ ଡ. ଲକ୍ଷ୍ମୀନାରାୟଣ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ୪୦ ବର୍ଷ ର ସଫଳତା କାମନା କରିଥିଲେ । ସମ୍ବାଦପତ୍ରର ସମ୍ପାଦକ ଇଂ ନିର୍ମାଲ୍ୟ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ 'ଆଜିକାଲି' ର ପ୍ରତିଷ୍ଠାତା ସ୍ୱର୍ଗତ ବିସ୍ମୟ କୁମାର ମହାନ୍ତି, ପୂର୍ବତନ ମୁଖ୍ୟ ସମ୍ପାଦକ ସ୍ୱର୍ଗତ ଦୁଲାଲ ମିଶ୍ର ଏବଂ ପୂର୍ବତନ ସମ୍ପାଦିକା ସ୍ୱର୍ଗୀୟା ବିଜୟଲକ୍ଷ୍ମୀ ମହାନ୍ତିଙ୍କ ସ୍ମୃତିଚାରଣ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା । ଏହିଅବସରରେ ଉଲ୍ଲେଖନୀୟ ସଫଳତା ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅତିଥି ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିନିଧି ମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । 'ଆଜିକାଲି'ର ତତ୍ତ୍ୱାବଧାରକ ରାଜେନ୍ଦ୍ର କୁମାର୍ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟତମ ତତ୍ତ୍ୱାବଧାରିକା ଡ. ସୌଭାଗ୍ୟ ଲକ୍ଷ୍ମୀ ମହାନ୍ତି ମଂଚ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରତିଷ୍ଠା ଦିବସ ସମାରୋହ ଉଦ୍‌ଯାପିତ ହୋଇଥିଲା ।

## ୪୮ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ 'ଟିମ୍ ଇଣ୍ଡିଆ'ର ପ୍ରତିନିଧିମାନଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀସ୍ଥିତ ୭, ଲୋକ କଲ୍ୟାଣ ମାର୍ଗଠାରେ ସାଂଘାଇରେ ଅନୁଷ୍ଠିତ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ୨୦୨୬ରେ ଭାରତର ପ୍ରତିନିଧିତ୍ୱ କରିଥିବା ଦଳର ସଦସ୍ୟମାନଙ୍କ ସହ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ପ୍ରତିଯୋଗୀମାନେ ପ୍ରତିଯୋଗିତାରେ ନିଜର ଅନୁଭୂତି ବାଂଟିଥିଲେ । ବିଶ୍ୱସ୍ତରରେ ଦେଶର ପ୍ରତିନିଧିତ୍ୱ କରିଥିବାରୁ ସେମାନେ ଗର୍ବ ଅନୁଭବ କରିଥିବା ପ୍ରକାଶ କରିଥିଲେ । ଅନ୍ତର୍ଜାତିକ ପ୍ରତିଯୋଗିତା ସମୟରେ ନୂଆ ଉପକରଣ, ସଫ୍ଟୱେର୍, ବୈଷୟିକ ବ୍ୟବସ୍ଥା ଏବଂ କାର୍ଯ୍ୟପ୍ରଣାଳୀ ସହ ଖାପଖୁଆଇବା ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ । ଯୁବପିଢ଼ିର ଦକ୍ଷତା ବିକାଶ ପାଇଁ ସରକାର ନେଉଥିବା ପଦକ୍ଷେପ କିପରି ସହାୟକ ହେଉଛି, ସେ ସମ୍ପର୍କରେ ମଧ ସେମାନେ ନିଜର ମତ ରଖିଥିଲେ । ବିଶ୍ୱସ୍ତରରେ ଭାରତର ପ୍ରତିନିଧିତ୍ୱ କରିଥିବାରୁ ପ୍ରଧାନମନ୍ତ୍ରୀ ପ୍ରତିଯୋଗୀମାନଙ୍କୁ



ଅଭିନନ୍ଦନ ଜଣାଇଥିଲେ । ଦକ୍ଷତା ବିକାଶର ଦୂତ ହେବାକୁ ସେ ସେମାନଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷାଗତ ଡିଗ୍ରୀ ଭଳି ବାସ୍ତବିକ ଦକ୍ଷତା ମଧ ସମାନ ଗୁରୁତ୍ୱ ବହନ କରେ ବୋଲି ସେ କହିଥିଲେ । ବିଶେଷ ଦକ୍ଷତାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ସହ ତାଳ ଦେଇ ଯୁବପିଢ଼ି ନିରନ୍ତର ନୂଆ ଦକ୍ଷତା ହାସଲ କରିବା, ନିଜର ବର୍ତମାନର ଦକ୍ଷତାକୁ ଉନ୍ନତ କରିବା ଏବଂ ନୂତନ ପ୍ରଯୁକ୍ତି ସହ ଖାପଖୁଆଇବା ଆବଶ୍ୟକ । ଅନ୍ତର୍ଜାତିକ ବଜାରର ଆବଶ୍ୟକତା ଅନୁଯାୟୀ ଦକ୍ଷତା ହାସଲ କରିବା ସହ ନିଜର ଅନୁଭୂତି ଓ ପରାମର୍ଶ ମାଧ୍ୟମରେ ଭାରତର ଦକ୍ଷତା ପ୍ରଶିକ୍ଷଣ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବାକୁ ସେ ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଥିଲେ । ଦକ୍ଷ ମାନବ ସମ୍ବଳର ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ଭାରତକୁ ପ୍ରତିଷ୍ଠା କରିବା ପାଇଁ ଯୁବପିଢ଼ି, ସରକାର ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱିତ ଉଦ୍ୟମର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଦକ୍ଷତା ବିକାଶ ପାଇଁ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ ପଛରେ ଥିବା ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକର ଗୁରୁତ୍ୱ ଆଇଆଇଟି ଓ ଆଇଆଇଏମଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ସେ କହିଥିଲେ । ଭାରତର ଦକ୍ଷତା ପ୍ରଶିକ୍ଷଣ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ପାଇଁ ସରକାରଙ୍କ ସହ ନିଜର ଅନୁଭୂତି ଓ ପରାମର୍ଶ ବାଂଟିବାକୁ ସେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ।

## ସ୍ୱଚ୍ଛ ଓ ପାରଦର୍ଶୀ ବିଜ୍ଞାପନ ପରିଚାଳନା ପାଇଁ 'ଇ-ସଂଚାର ଆପ୍'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ସୂଚନା ଓ ସଂଚାର ପାଇଁ ଏକ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି ପ୍ରଣୟନ କରାଯିବ । ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯିବ ଏବଂ ଡିଜିଟାଲ୍ ମାଧ୍ୟମରେ ମିଥ୍ୟା ତଥ୍ୟ ତଥା ଗୁଜବର ମୁକାବିଲା ପାଇଁ ଏକ କଡ଼ାକଡ଼ି ତଥ୍ୟ ଯାଂଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନ କନଭେନସନ୍ ସେଂଟର ଠାରେ ସୂଚନା ସେବା ଅଧିକାରୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା' ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଆଜିର ଯୁବ ବର୍ଗ ପାରମ୍ପରିକ ଗଣମାଧ୍ୟମଠାରୁ ବହୁ ଆଗରେ ରହି




ସାମାଜିକ ଗଣମାଧ୍ୟମ ଏବଂ କୃତ୍ରିମ ବୁଦ୍ଧିମତା ପ୍ଲାଟଫର୍ମର ବ୍ୟାପକ ବ୍ୟବହାର କରୁଛନ୍ତି । ତେଣୁ ସରକାରୀ ସଂଚାର ବା ଯୋଗାଯୋଗ ପାଇଁ ଆମକୁ ମଧ ସାମ୍ପ୍ରତିକ ସମୟର ଏହି ଅତ୍ୟାଧୁନିକ ଟ୍ରେଣ୍ଡ୍ ?ଗୁଡ଼ିକୁ ଆପଣାଇବାକୁ ପଡ଼ିବ ବୋଲି ସୂଚନାସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଛନ୍ତି ଯେ ବର୍ତମାନର ସମୟ କେବଳ ପାରମ୍ପରିକ ପ୍ରିଂଟ ବା ଇଲେକ୍ଟ୍ରୋନିକ୍ସ ମିଡିଆର ସମୟ ନୁହେଁ, ବରଂ ସୋସିଆଲ ମିଡିଆ ଏବଂ କ୍ରିଏଟର ଇକୋନୋମିର ଯୁଗ । ପ୍ରତ୍ୟେକ ନାଗରିକଙ୍କ ହାତରେ ଥିବା ମୋବାଇଲ୍ ଫୋନ୍ ଆଜି ଏକାଧାରରେ ଖବରକାଗଜ, ଟେଲିଭିଜନ, ରେଡିଓ ଏବଂ ଏକାଧିକ ଯୋଗାଯୋଗର ମାଧ୍ୟମ ପାଲଟିଛି । ତେଣୁ ସରକାରୀ ଅଧିକାରୀମାନଙ୍କୁ କେବଳ ପ୍ରେସ୍ ରିଲିଜ୍ ଜାରି କରିବାରେ ସୀମିତ ନ ରହି ଜଣେ ଦକ୍ଷ କମ୍ୟୁନିକେସନ ପ୍ରଫେସ୍‌ନାଲ୍ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ । ସୋସିଆଲ ମିଡିଆ ମନିଟରିଂ ଏବଂ ସୋସିଆଲ ଲିଆସନିଙ୍ଗ୍ ଜରିଆରେ ଜନସାଧାରଣଙ୍କ ମତାମତ ଓ ସମସ୍ୟାଗୁଡ଼ିକୁ ତ୍ୱରିତ ଭାବେ ଗ୍ରହଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି । ଖବର ପରିବେଷଣ ଏବଂ ସରକାରୀ ଯୋଗାଯୋଗର ମୂଳସ୍ତମ୍ଭ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଯୋଗାଯୋଗ ଶୈଳୀ ସବୁବେଳେ ତିନୋଟି ପ୍ରମୁଖ ନୀତି ଉପରେ ପର୍ଯ୍ୟବେସିତ ହେବା ଉଚିତ୍-ସେଗୁଡ଼ିକ ହେଲା ତଥ୍ୟଗତ ସଠିକତା, ସମୟୋପଯୋଗୀ ଦ୍ରୁତତା ଏବଂ ସରଳତା ।


10001/632/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ**

୧୦ ଅକ୍ଟୋବର ୨୦୨୬

ସ୍ୱକୀୟ ଅନୁଭୂତିକୁ ଶୁଣିବା : ପ୍ରକୃତ ସ୍ୱର, ବାସ୍ତବ ପରିବର୍ତ୍ତନ

ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ମାନସିକ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ (ଶୈଶବ, କିଶୋର, ଯୌବନ, ବାର୍ଦ୍ଧକ୍ୟ ଅବସ୍ଥା)

- ମାନସିକ ଓ ସ୍ନାୟବିକ ରୋଗ, ନିଶା ନିବାରଣ ଏବଂ ଆତ୍ମହତ୍ୟା ପ୍ରବଣତା ଆଦି ସମସ୍ୟାର ଉପଚାର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମେଡ଼ିକାଲ୍ କଲେଜ୍‌ରେ ବିନା ମୂଲ୍ୟରେ ଚିକିତ୍ସା ଉପଲବ୍ଧ
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର/ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର/ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଏଏନ୍‌ଏମ୍ ଓ ଆଶା ଦିଦିଙ୍କ ସହଯୋଗରେ ଆୟୋଜିତ ମାନସିକ ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା କରାନ୍ତୁ
- ଏଥି ସହିତ ନିଃଶୁଳ୍କ ଟେଲି-ମାନସ୍ ନମ୍ବର ୧୪୪୧୬ (14416)ରେ କଲ୍ କରି ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ନିଅନ୍ତୁ

ଆସନ୍ତୁ, ଅନୁଭୂତି ସମ୍ପନ୍ନ ବ୍ୟକ୍ତିମାନଙ୍କୁ ସାମିଲ୍ କରି ଯୋଜନାବଦ୍ଧ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ ଲକ୍ଷ୍ୟ ହାସଲ ପାଇଁ ପ୍ରୟାସ ଜାରି ରଖିବା

OIPR-10001/10003/2/26-27/0053

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ୨୦୨୭ ପୌର ଓ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି: ଭୋଟର ତାଲିକା ସଂଶୋଧନ ନିମନ୍ତେ ଅନୁଷ୍ଠିତ ହେଲା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

## ଅକ୍ଟୋବର ୨୪ରୁ ନଭେମ୍ବର ୭ ପର୍ଯ୍ୟନ୍ତ ଘରକୁ ଘର ବୁଲି ସର୍ଭେ କରିବେ ବିଏଲଓ

ବାଲେଶ୍ୱର, (ନି.ପ୍ର.): ଆଗାମୀ ୨୦୨୭ ପୌର ଓ ପଂଚାୟତ ନିର୍ବାଚନ ପୂର୍ବରୁ ଏକ ସ୍ୱଚ୍ଛ, ତ୍ରୁଟିମୁକ୍ତ, ଅଦ୍ୟତନ ଓ ନାଗରିକକୈନ୍ଦ୍ରିକ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟରେ ବାଲେଶ୍ୱର ଜିଲ୍ଲାସ୍ତରୀୟ ଘରକୁ ଘର ସର୍ଭେକ୍ଷଣ ପ୍ରଶିକ୍ଷଣ ଶିବିର ଆଜି ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ବାଲେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ର ସିରିୟଲ ପଟେଲ, ନୀଳଗିରି ବିଡିଓ ବିକ୍ରମ କିଶୋର ପରିଡ଼ା, ଖଇରା ବିଡିଓ ନାରାୟଣ ସାହୁ, ଡେପୁଟି




ଜିଲ୍ଲାପାଳ ଡ. ପ୍ରବୋଧ କୁମାର ମଲ୍ଲିକ ଏବଂ ଜିଲ୍ଲା ପଂଚାୟତ ଅଧିକାରୀ ଦେବାନନ୍ଦ ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ବିଡିଓ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ ।ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଯାୟୀ, ବ୍ଲକସ୍ତରରେ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଜାରି ରହିବ । ଏହାପରେ ଅକ୍ଟୋବର ୨୪ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୁଥ୍ ?ସ୍ତରୀୟ ଅଧିକାରୀ (ବିଏଲଓ)ମାନେ ଘରକୁ ଘର ବୁଲି ସର୍ଭେ କରିବେ ଏବଂ ଭୋଟର ତାଲିକା ପ୍ରସ୍ତୁତି ଓ ଅଦ୍ୟତନ ପାଇଁ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ ।ଆଗାମୀ ପୌର ଓ ପଂଚାୟତ ନିର୍ବାଚନ ପୂର୍ବରୁ ଏହି ପ୍ରକ୍ରିୟା ମାଧ୍ୟମରେ ଏକ ସଠିକ୍ ? ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ କରି ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁସଂଗଠିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।ଜିଲ୍ଲା ପଂଚାୟତ ଅଧିକାରୀ ଦେବାନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବାଲେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ର ସିରିୟଲ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର, (ନି.ପ୍ର.): ଅବସରପ୍ରାପ୍ତ ରାଜ୍ୟ ସରକାରୀ ସଂଘ, ବାଲେଶ୍ୱର କାର୍ଯ୍ୟାଳୟରେ ଆଜି ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ ହୋଇଯାଇଛି । ସଂଘ ସଭାପତି ଇଂ. ବନମାଳୀ ନାୟକଙ୍କ ପରିଚାଳିତ ଏହି କାର୍ଯ୍ୟକ୍ରମରେ ସଂଘର କର୍ମକ□ୀ ଓ ସଦସ୍ୟ ସଦସ୍ୟାମାନେ ଉତ୍କଳମଣିଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ, ଗୌରପ୍ରିୟ ମିଶ୍ର, ସଦସ୍ୟ ଶଚି ମାଝୀ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସ୍ୱାଧୀନତା ସଂଗ୍ରାମୀ, ଉତ୍ସର୍ଗୀକୃତ ଦେଶଭକ୍ତ, ସମାଜ ସଂସ୍କାରକ, ନବଉତ୍କଳ ଗଠନର ବିନ୍ଧାଣୀ, ଶିକ୍ଷାବିତ୍, ଦକ୍ଷ ବିଧାୟକ, କବି ଭାବେ ସ୍ମରଣ କରି ତାଙ୍କର ତ୍ୟାଗପୂତ ଜୀବନ କିପରି ଉତ୍କଳବାସୀଙ୍କ ପାଇଁ ସମର୍ପିତ ଥିଲା ତା'ର ଅବତାରଣା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଅଜୟ ନାୟକ, ପ୍ରଭାତୀ ସେଠୀ, ରାମଚନ୍ଦ୍ର ସେଠୀ, ଶଶାଙ୍କ ଦ□, ଅନୁପ ଆଚାର୍ଯ୍ୟ, ବୀରେନ୍ଦ୍ର ମହନ୍ତ, ବନଲତା ଦାସ, ଜ୍ୟୋତ୍ସ୍ନା ରାୟ, ଯୁଧିଷ୍ଠିର ନନ୍ଦ, କେଶବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ ଦାମୋଦର ନାୟକ ଶେଷ କଥା ରଖିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଏଥିପୂର୍ବରୁ ପ୍ରତିବର୍ଷ ଭଳି ପୁଣ୍ୟାତ୍ମାଙ୍କ ସ୍ମୃତିରେ ସହରରେ ଥିବା ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ ଓ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର



ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସଂଘ ପକ୍ଷରୁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଇଥିଲା । ମଧ୍ୟାହ୍ନଭୋଜନ ବ□ନ ସମୟରେ ସଂଘର କର୍ମକ□ୀ ଓ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କଲା ବିଜୁ ଛାତ୍ର ଜନତା ଦଳ

ବାଲେଶ୍ୱର, (ନି.ପ୍ର.) ଜିଲ୍ଲାର ଦୁଇ ପ୍ରମୁଖ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କେକେଏସ ମହିଳା ମହାବିଦ୍ୟାଳୟ ପାଇଁ ଗୁରୁବାର ପ୍ରାର୍ଥୀ ଘୋଷଣା କରିଛି । ଏନେଇ ସ୍ଥାନୀୟ ଟାଉନ ହଲ ଠାରେ ଏକ ସାଧାରଣ ସଭା ଆୟୋଜନ ହେବା ସହ ବରିଷ୍ଠ ନେତୃବୃନ୍ଦ ଏବଂ ହଜାର ହଜାର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପ୍ରାର୍ଥୀଙ୍କ ନାମ ଜିଲ୍ଲା ଛାତ୍ର ସଭାପତି ହରେକୃଷ୍ଣ ପ୍ରଧାନ ଘୋଷଣା କରିଛନ୍ତି । ଫକୀର ମୋହନ କଲେଜ ପାଇଁ ସଭାପତି ଭାବେ ଶୁଭମ ଦାସ, ଉପସଭାପତି ଭାବେ ଆୟୁଷ ଜେନା, ସମ୍ପାଦକ ଭାବେ ଅନୁରାଗ ଦାସ, ସହ ସମ୍ପାଦକ ଭାବେ ପ୍ରଦୀପ ଦାସ ଭାବେ ଘୋଷଣା କରାଯାଇଛି । ସେହିପରି କେକେଏସ ମହିଳା କଲେଜ ପାଇଁ ଅର୍ପିତା ପ୍ରିୟଦର୍ଶିନୀ



ମହାଲ ଓ ସମ୍ପାଦକ ଭାବେ ଲିଜା ଦାସଙ୍କ ନାମ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ କଲେଜର ବିକାଶ ପାଇଁ ଛାତ୍ର ବିଜେଡିର ଅବଦାନ ବାବଦରେ ସମସ୍ତ ବକ୍ତାମାନେ ଆଲୋଚନା କରିଛନ୍ତି । ସେହିପରି ସମସ୍ତ ପ୍ରାର୍ଥୀମାନେ ସେମାନେ ନିଜ ନିଜର ଆଜେଣ୍ଡା ରଖିଛନ୍ତି । ବିଜେଡି ଜିଲ୍ଲା ଉପସଭାପତି ରଞ୍ଜନ ବାଗ, ପୌରଉପାଧକ୍ଷ କୈଳାଶ ସେଠୀ, ଟାଉନ ସଭାପତି ମନୋଜ କୁମାର ରାଉତ, ଯୁବ ସଭାପତି ତାପସ ପାଣିଗ୍ରାହୀ, ଜିଲ୍ଲା ଯୁବ କାର୍ଯ୍ୟକାରୀ ସଭାପତି ଭରତ ଭୂଷଣ ଦାସ, ଜିଲ୍ଲା ମହିଳା ଉପସଭାପତି ମୀନା ମହାନ୍ତି, ରାଜ୍ୟ ମାଇନରିଟି ସମ୍ପାଦକ ସେକ ଆୟୁବ, କାର୍ତିକ ସାହୁ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ରୀତିକ ଜୀ, ସନ୍ଧ୍ୟାରାଣୀ ଜେନା, ମୀତା ପଟ୍ଟନାୟକ, ସବିତା ଦାସ, ସେକ ସାକିର, ଦେବାଶିଷ ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ବକ୍ତୃତ ରଖିଛନ୍ତି ।

# ସାଇବର ଅପରାଧ ରାକେଟ୍‌ର ପର୍ଦ୍ଦାଫାସ କଲା ବାଲେଶ୍ୱର ପୁଲିସ : ଦୁଇ ଗିରଫ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ପୁଲିସ ଏକ ସାଇବର ଅପରାଧ ରାକେଟ୍‌ର ପର୍ଦ୍ଦାଫାସ କରି ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ।ଅଭିଯୁକ୍ତମାନେ ଜାଲିଆତି କରି ଏକାଧିକ ସିମ୍ କାର୍ଡ ସଂଗ୍ରହ ଓ ଜାରି କରାଇ ସେଗୁଡ଼ିକୁ ବିଭିନ୍ନ ସାଇବର ଅପରାଧରେ ବ୍ୟବହାର କରୁଥିବା ପୁଲିସ ସୂଚନା ଦେଇଛି ।ଅଭିଯାନ ସମୟରେ ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ୧୬ଟି ମୋବାଇଲ୍ ଫୋନ୍, ଗୋଟିଏ ଲାପଟପ୍, ଗୋଟିଏ କାର୍, ୭୫ ଗ୍ରାମ ସୁନା ଏବଂ ପ୍ରାୟ ୫୫ଟି ସିମ୍ କାର୍ଡ ଜବତ କରିଛି ।ଏକ ସାମ୍ବାଦିକ ସମ୍ମିଳନୀରେ ଏଏସ୍ ?ପି ଦେବଜ୍ୟୋତି ଦାସ କହିଛନ୍ତି ଯେ, ଟେକ୍ନିକାଲ୍ ସର୍ଭେଲାନ୍ସ ସହିତ ଫିଜିକାଲ୍ ସର୍ଭେଲାନ୍ସ ମାଧ୍ୟମରେ ପୁଲିସ ତଦନ୍ତ ଚଳାଇଥିଲା । ଏହା ଜରିଆରେ ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିବାରେ ସଫଳ ହୋଇଥିଲା ।ଏହି ସାଇବର ଅପରାଧ ରାକେଟ୍ ?ର ପରିସର ଏବଂ ଏଥିରେ ଆଉ କେତେ ଜଣ ସମ୍ପୃକ୍ତ ଅଛନ୍ତି, ତାହା ଜାଣିବା ପାଇଁ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।



# 'ଯୁଗଶ୍ରୀ ଯୁଗନାରୀ'ର ଶାରଦୀୟ ବିଶେଷାଙ୍କ ଲୋକାର୍ପିତ

ବାଲେଶ୍ୱର(ନି.ପ୍ର.) 'ଆମେ ଏମିତି ସମୟରେ ପହଂଚିଛୁ ଯେଉଁଠି ଅଭ୍ୟୁଦୟ ଓ ଅବକ୍ଷୟ ଏକାବେଳକେ ଆମକୁ ଜାବୁଡ଼ି ଧରିଛି । ଆମେ ପାଉଛୁ ଯେତିକି, ତା'ଠାରୁ ଅଧିକ ହରାଉଛୁ' ବୋଲି ବାଲେଶ୍ୱରରୁ ପ୍ରକାଶିତ ଓଡ଼ିଶାର ସର୍ବପୁରାତନ ମହିଳା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ଶାରଦୀୟ ବିଶେଷାଙ୍କର ଲୋକାର୍ପଣ ଉତ୍ସବ ଓ ସାରସ୍ୱତ ସମାରୋହ-୨୬ରେ ଅତିଥିମାନେ କହିଛନ୍ତି ।ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ସମ୍ପାଦିକା ମମତା ମହାପାତ୍ରଙ୍କ ପୌ ? ?ରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ସମ୍ବେଦନଶୀଳ ମାନବିକ ମୂଲ୍ୟବୋଧକୁ ପାଥେୟକରି ଓଡ଼ିଆ ସାହିତ୍ୟସଂସ୍କୃତିକୁ ଆଗେଇନେବାରେ ଯୁଗଶ୍ରୀ ଯୁଗନାରୀ ଭୂମିକା ଗୁରୁତ୍ୱପୂର୍ଣ୍ଣ ?ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକା ବନଜ ଦେବୀ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରମୁଖ ମୁଖ୍ୟ ଆୟକର କମିସନର ମନୋରଞ୍ଜନ ପାଣିଗ୍ରାହୀ ଆଧୁନିକ ସମୟର ଅବକ୍ଷୟିତ ମୂଲ୍ୟବୋଧ ଉପରେ ବକ୍ତବ୍ୟ ରଖିଲେ । ଏହି ଅବସରରେ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକା-୨୦୨୬ର ଶାରଦୀୟ ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । 'ଯୁଗଶ୍ରୀ ଯୁଗନାରୀ'ର ସମ୍ପାଦିକା ମମତା ମହାପାତ୍ର ଆୟୋଜିତ କାର୍ଯ୍ୟକ୍ରମରେ ପୌ ?ରୋହିତ୍ୟ କରି ପରସ୍ପର ମଧ୍ୟରେ ଶାନ୍ତି, ପ୍ରୀତି, ସଦ୍‌ଭାବନା ଜାଗ୍ରତ କରାଇ ନିଜନିଜ ଜୀବନ ତଥା ସମାଜର ବିକାଶ ପାଇଁ ପ୍ରୟାସ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସୁଶ୍ରୀ ଗୀତାଞ୍ଜଳି ସିଂହ ଶାରଦୀୟ ବିଶେଷାଙ୍କ ପ୍ରଚ୍ଛଦପଟରେ ଥିବା ବାଚସ୍ପତି ଶ୍ରୀମତୀ ପାଢୀଙ୍କ ପ୍ରକାଶିତ ଫଟୋ ସଂପର୍କରେ କିଛିକଥା ରଖିଥିଲେ । 'ଯୁଗଶ୍ରୀ ଯୁଗନାରୀ'ର ସହସମ୍ପାଦିକା ଡ. ପ୍ରଭାବତୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ଡ. ଅମ୍ବରୀଶ ଶତପଥୀ ମଂଚ ଆହ୍ୱାନ କରିଥିବାବେଳେ ଡ. ଗାୟତ୍ରୀ କର ମଂଚ ପରିଚାଳନା କରିଥିଲେ । ପଣ୍ଡିତ ବୀରେନ୍ଦ୍ର କର ବେଦପାଠ କରିଥିଲେ । ଶେଷରେ ଗାଳ୍ପିକ ଚିତରଞ୍ଜନ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଡ. ଅର୍ଚ୍ଚନା ନାୟକ, ଡ. ସଂଘମିତ୍ରା ମିଶ୍ର, ଅଧାପକ ବିଶ୍ୱରଞ୍ଜନ, ମମତା ଦାସ, କର୍ଣ୍ଣେଲ ଶରତ ମହାପାତ୍ର, ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଓ ପ୍ରକାଶ ଷଡ଼ଙ୍ଗୀ, ପୀତବାସ ରାଉତରାୟ, ଶୁଭଙ୍କର ମହାପାତ୍ର, ବିଜୟିନୀ ସିଂହଦେଓ, ଡ. ମନୋରମା ବିଶ୍ୱାଳମହାପାତ୍ର, ଡ. ଅନିତା ପଣ୍ଡା, ଡ. ସତ୍ୟନାରାୟଣ ମିଶ୍ର, ବିଜୟଲକ୍ଷ୍ମୀ ପଟ୍ଟନାୟକ, ନିରଞ୍ଜନ ପଣ୍ଡା, ଡ. ଦେବାଶିଷ ମହାପାତ୍ର, ଦେବକାନ୍ତ ମହାପାତ୍ର, ସବିତାରାଣି ବେହେରାଙ୍କ ସମେତ ବହୁ ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ସୁଷମା ଲେଙ୍କା, ମିହିର ପ୍ରଧାନ, ବସନ୍ତ ପ୍ରଧାନ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶ ହିଁ ସାମ୍ବାଦିକଙ୍କ ପାଇଁ ପ୍ରେରଣା: ଓୟୁଜେ

ବାଲେଶ୍ୱର,(ନି.ପ୍ର.): ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ)ର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଭାବପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ସହରସ୍ଥିତ ଗୋପବନ୍ଧୁ ପାର୍କରେ ତାଙ୍କ ପ୍ରତିମୂର୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଜୀବନାଦର୍ଶ, ତ୍ୟାଗ ଓ ସମାଜସେବା ଉପରେ ଆଲୋଚନା କରାଯାଇଥିଲା । କ୍ତାମାନେ କହିଥିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଦାସ ଏକାଧାରରେ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ, ସମାଜସେବୀ, ଶିକ୍ଷାବିତ୍, ସାହିତ୍ୟିକ ଓ ସାମ୍ବାଦିକ ଥିଲେ । ତାଙ୍କର ସରଳ ଓ ନିରାଡ଼ମ୍ବର ଜୀବନଶୈଳୀ, ଦୁଃଖୀ ଓ ଦରିଦ୍ରଙ୍କ ସେବା ପ୍ରତି ନିଷ୍ଠା, ଅସୀମ ତ୍ୟାଗ ଏବଂ ମହାନ ଆଦର୍ଶ ଆଜି ମଧ୍ୟ ସମାଜ ପାଇଁ ଅନୁକରଣୀୟ ।ବିଶେଷକରି ଯୁବପିଢ଼ି ତାଙ୍କ ଜୀବନାଦର୍ଶରୁ ପ୍ରେରଣା ନେଇ ମାନବସେବା ଓ ଦେଶସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ




ବୋଲି ସେମାନେ ମତ ଦେଇଥିଲେ ।ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ଖବରକାଗଜ 'ସମାଜ' ସାଧାରଣ ଜନତାଙ୍କ ସ୍ୱର ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛି । ଜନସାଧାରଣଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ସାମ୍ବାଦିକତାର ଗୁରୁତ୍ୱ ଅତୁଳନୀୟ ବୋଲି ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ଜଣେ ସଚେତନ ନାଗରିକ ତଥା ସାମ୍ବାଦିକ ଭାବେ ଗୋପବନ୍ଧୁଙ୍କ ନିର୍ଭୀକତା, ନିଷ୍ଠା ଓ ଜନକଲ୍ୟାଣମୂଳକ ଚିନ୍ତାଧାରାକୁ ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ ବୋଲି ସେମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓୟୁଜେର ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ମଧୁସୂଦନ ଦାସ, ଲକ୍ଷ୍ମୀନାରାୟଣ ଦାସ, ସୋମନାଥ ସାହୁ, ବରିଷ୍ଠ ଆଇନଜୀବୀ ଭୁବନାନନ୍ଦ ଦାସ, ଯଶୋଦାନନ୍ଦନ ଆଶ ଏବଂ ସମାଜସେବୀ ଲାବଣ୍ୟନିଧି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଛାତି ଅସ୍ତ୍ରୋପ୍ରଚାର ପରେ ଅଧିକ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

## ସରକାରି ସ୍ତରରେ ଚିକିତ୍ସା ଯୋଗାଇ ଦେବା ଦାବିରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ବାଲେଶ୍ୱର,(ନି.ପ୍ର.): ନିଜ ଛାତି ଅସ୍ତ୍ରପ୍ରଚାର ପରେ ଅଧିକ ଚିକିତ୍ସା ପାଇଁ ଅର୍ଥ ଏବେ ବାଧକ ସାଜିଛି । ଏଣୁ ଏହି ଚିକିତ୍ସା ପାଇଁ ରସାଳପୁର ଜୟଦେବ କସବା ଅଂଚଳର ଜଣେ ଗରିବ ବ୍ୟକ୍ତି ଶିବ ମହାଳିକ ଆଜି ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି । ତାଙ୍କ ଦାବି ଅନୁସାରେ, ସେ ଜଣେ ଗରିବ ହରିଜନ ବ୍ୟକ୍ତି ଅଟନ୍ତି । ଏପରିକି ସେ ଜଣେ ଭୂମିହୀନ ବ୍ୟକ୍ତି ଅଟନ୍ତି । ହେଲେ କିଛିଦିନତଳେ ତାଙ୍କର ଛାତିରେ ଅସ୍ତ୍ରପ୍ରଚାର ହେଇଛି । ଏହା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କ ନିକଟରେ ଅର୍ଥ ନାହିଁ । ଏ ପରିକି ସେ ଭୁବନେଶ୍ୱର ଠାରେ ଏକ ଘୋରୋଇ ହସ୍ପିଟାଲ ରେ ଚିକିତ୍ସିତ ହେବା ସହ ପ୍ରତି ଏକ ମାସରେ ଥରେ ଡ଼ା ଏଇଓଲିସିସ ମଧ୍ୟ କରୁଛନ୍ତି । ହେଲେ ଅର୍ଥ ଅଭାବରୁ ସେ ସଠିକ୍ ଭାବେ ଚିକିତ୍ସିତ ହେଇ ପାରୁ ନାହାନ୍ତି । ଏଣୁ ତାଙ୍କୁ ସରକାରି ସ୍ତରରେ ଚିକିତ୍ସା ପାଇଁ ଅର୍ଥ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ଦିଲ୍ଲୀ ଠାରେ ଆୟୋଜିତ ସମ୍ଭବ-୨୦୨୬ ରେ ରାଣୀପାଟଣା ଦୃଷ୍ଟିହୀନ ଛାତ୍ର ଛାତ୍ରୀଙ୍କ ଯୋଗଦାନ ପାଇଁ ଦିଲ୍ଲୀ ଯାତ୍ରା

ବାଲେଶ୍ୱର(ନି.ପ୍ର.)ପ୍ରତିବର୍ଷ ଆହ୍ଵାନା ଅନୁଷ୍ଠାନ, ନୂଆ ଦିଲ୍ଲୀ ଦ୍ୱାରା ଆୟୋଜିତ ସମ୍ଭବ ଏକ ଆନ୍ତର୍ଜାତୀୟ ଦିବ୍ୟାଙ୍ଗଜନ କାର୍ଯ୍ୟକ୍ରମ । ସମ୍ଭବ-୨୦୨୬ ପାଳନ ଅବସରରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ର ଛାତ୍ରୀ, ମାହେଶ୍ୱରୀ ପ୍ରଧାନ, ମେଘନା ସିଂ, ସୁନିତା ସୋରେନ, ସତ୍ୟ ମାହାକୁଡ଼, ରାଜକିଶୋର ସିଂ ଓ ନୃତ୍ୟ ଶିକ୍ଷୟତ୍ରୀ ମୋନାଲିସା ସାହୁ ଓ ଗାଇଡ଼ ଶିକ୍ଷକ ଗୌରାଙ୍ଗ ଚରଣ ପ୍ରଧାନ ୮ ତାରିଖ ପୁରୁଷୋତମ ଟ୍ରେନ ଯୋଗେ ଦିଲ୍ଲୀ ଯାତ୍ରା କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ରେ ଭାରତ ସହିତ ଶ୍ରୀଲଙ୍କା, ଭିଏତନାମ,



ଅଷ୍ଟ୍ରେଲିଆ, ତାଜୀକିସ୍ତାନ, ନେପାଳ ଇତ୍ୟାଦି ଦେଶର ଦିବ୍ୟାଙ୍ଗଜନ ବିଭିନ୍ନ ପ୍ରକାରର ନାଚ, ଗୀତ, ବାଦ୍ୟ ତଥା ଯୋଗାଭ୍ୟାଶ ଇତ୍ୟାଦି କଳା ଓ କୌଶଳ ପ୍ରଦର୍ଶନ କରିବେ । ରାଣୀପାଟଣା, ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏକ ନୃତ୍ୟ ପରିବେଷଣ କରିବେ, ଯାହାକି ସମାଜର ବୃଦ୍ଧାବସ୍ଥାରେ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଜୀବନ ଅତିବାହିତ କରିବା ଆଧାରରେ କଳା ପ୍ରଦର୍ଶନ କରିବେ । ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଦିବାକର ସ ସେମାନଙ୍କର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ବିଶେଷ ଭାବେ ପୁରସ୍କୃତ ହେବାର ଆଶା ଓ ଆଶୀର୍ବାଦ ରଖିଛନ୍ତି ।

# ବାଲେଶ୍ୱର ପୌରପାଳିକାରେ ପାଳିତ ହେଲା ନବମ ପୋଷଣ ମାସ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ପୌରପାଳିକାର ଆଇସିଡିଏସ୍ ପ୍ରକଳ୍ପ ପକ୍ଷରୁ ପ୍ରକଳ୍ପସ୍ତରୀୟ ନବମ ପୋଷଣ ମାସ ପାଳିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଆ ଓ ଶିଶୁଙ୍କ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପୁଷ୍ଟିକର ଖାଦ୍ୟ ସହିତ ପରିବେଶର ସୁରକ୍ଷା ଓ ପରିମଳ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ ।ଅନ୍ୟତମ ଅତିଥି ଭାବେ ଏବିଇଓ ଶାନ୍ତିଲତା ପାତ୍ର ଏବଂ 'ମେ ଆଇ ହେଲ୍ପ ୟୁ'ର ସମ୍ପାଦକ ଉବାଚକ ମହାନ୍ତି ଯୋଗଦେଇ ମା ଓ ଶିଶୁଙ୍କ ପୁଷ୍ଟିସାଧନ, ସନ୍ତୁଳିତ ଖାଦ୍ୟ ଗ୍ରହଣ ଏବଂ ଉତମ ସ୍ୱାସ୍ଥ୍ୟ ରକ୍ଷାରେ ପୋଷଣର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଓ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏଥିରେ ପୁଷ୍ଟିସମୃଦ୍ଧ ଖାଦ୍ୟ ପ୍ରସ୍ତୁତିର ବିଭିନ୍ନ ପଦ୍ଧତି ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମକୁ ମଧୁସ୍ମିତା ପ୍ରଧାନ, ସଂଚୟିତା ସାମନ୍ତ, ସୁଶ୍ରୀ ଶାଶ୍ୱତୀ ଦେ ଓ ମୁକେଶ ବେହେରା ପ୍ରମୁଖ ସଂଯୋଜନା କରିଥିଲେ ।



# ‘ବିଶ୍ୱ ବିକାଶ ରିପୋର୍ଟ ୨୦୨୬ର କୃତ୍ରିମ ବୁଦ୍ଧିମତାର ପ୍ରତିଶ୍ରୁତି’କୁ ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ: କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ଓବେରୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଶ୍ୱ ବ୍ୟାଙ୍କ ଗ୍ରୁପ୍ର ବିଶ୍ୱ ବିକାଶ ରିପୋର୍ଟ ୨୦୨୬: ଆର୍ଟିଫିସିଆଲ୍ ଇଟେଲିଜେନ୍ସର ପ୍ରତିଶ୍ରୁତି ଉନ୍ମୋଚନ କରିଛନ୍ତି । ଆର୍ଟିଫିସିଆଲ୍ ଇଟେଲିଜେନ୍ସ (ଏଆଇ) ବିକାଶଶୀଳ ଅର୍ଥ ବ୍ୟବସ୍ଥା ପାଇଁ ଉପସ୍ଥାପନ କରୁଥିବା ସୁଯୋଗ ଏବଂ ଆହ୍ୱାନଗୁଡ଼ିକୁ ଏହି ରିପୋର୍ଟରେ ଅନୁଧ୍ୟାନ କରାଯାଇଛି ଏବଂ ଗ୍ରହଣୀୟତା, ଅନୁକୂଳତା ଏବଂ ପ୍ରଗତି ମାଧ୍ୟମରେ ବିକାଶ ପାଇଁ ଏଆଇକୁ ଉପଯୋଗ କରିବା ଲାଗି ଦେଶଗୁଡ଼ିକ ପାଇଁ ଏକ ଢା଼ଁଚା ପ୍ରସ୍ତୁତ କରାଯାଇଛି । ବିଶ୍ୱ ବ୍ୟାଙ୍କ ଗ୍ରୁପ୍ ସହଯୋଗରେ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଏମଇଆଇଟିୱାଇ) ର ଇଣ୍ଡିଆଏଆଇ ମିଶନ ଦ୍ୱାରା ଏହି




ଶୁଭାରମ୍ଭ ଆୟୋଜନ କରାଯାଇ ଥିଲା । ଏହା ବରିଷ୍ଠ ନୀତି ନିର୍ଦ୍ଧାରକ, ବିଶ୍ୱ ବିକାଶ ବିଶେଷଜ୍ଞ, ପ୍ରଯୁକ୍ତିବିଦ୍ୟା ମୁଖ୍ୟ ଏବଂ ଅଭ୍ୟାସକାରୀମାନଙ୍କୁ ଏକତ୍ର ଆଣି ଭାରତ କିପରି ଏଆଇରୁ ବିକାଶ ଲାଭକୁ ସର୍ବାଧିକ ଏବଂ ସୁରକ୍ଷିତ ଭାବରେ ବଜାୟ ରଖିପାରିବ ସେ ବିଷୟରେ ବିଚାରବିମର୍ଶ କରିଥିଲା । ଏହି କାର୍ଯ୍ୟକ୍ରମରେ ଏକ ରାଜ୍ୟ ଏଆଇ ପ୍ରଦର୍ଶନୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ରାଜ୍ୟ ଏବଂ ଉଦ୍ଭାବକମାନେ ସାରା ଦେଶରୁ ଏଆଇ-ଆଧାରିତ ସମାଧାନ ଉପସ୍ଥାପନ କରିଥିଲେ । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଆନୁଷ୍ଠାନିକ ଭାବେ ରିପୋର୍ଟ ଉପସ୍ଥାପନ କରିଥିଲେ । କେନ୍ଦ୍ର ମନ୍ତ୍ରୀ

ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏଆଇ ବିକାଶଶୀଳ ଅର୍ଥବ୍ୟବସ୍ଥାରେ ବିଶେଷଜ୍ଞତାର ଉପଲବ୍ଧତା ବୃଦ୍ଧି, ଉତ୍ପାଦକତା ବୃଦ୍ଧି ଏବଂ ସେବା ପ୍ରଦାନରେ ଉନ୍ନତି ଆଣିପାରିବ । ଡାକ୍ତରୀ ସ୍କ୍ରିନିଂ, କୃଷି ସମ୍ବନ୍ଧୀୟ ନିଷ୍ପତି ଗ୍ରହଣ ଏବଂ ଶିକ୍ଷା କ୍ଷେତ୍ରରେ ଏଆଇ-ଆଧାରିତ ଉପକରଣ ଗୁଡ଼ିକୁ ନିୟୋଜିତ କରାଯାଉଛି, ଯାହା ଜନସଂଖ୍ୟାର ବୃହତ ବର୍ଗଙ୍କୁ ଦୁର୍ଲଭ ବିଶେଷଜ୍ଞତା ପ୍ରଦାନ କରୁଛି । ଏହି ରିପୋର୍ଟରେ ଆହୁରି ମଧ୍ୟ ଗୁରୁତ୍ୱାରୋପ କରାଯାଇଛି ଯେ ଏହି ଲାଭ ବିଶ୍ୱସନୀୟ ବିଦ୍ୟୁତ ଏବଂ ସଂଯୋଗ, କମ୍ପ୍ୟୁଟିଂ ଭିତିଭୂମି, ଗୁଣାତ୍ମକ ତଥ୍ୟ, ଦକ୍ଷତା, ଶିକ୍ଷା ବ୍ୟବସ୍ଥା ଏବଂ ସକ୍ଷମ ଅନୁଷ୍ଠାନ ସମେତ ଦୃଢ଼ ମୂଳଦୁଆ ଉପରେ ନିର୍ଭର କରେ । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଆନୁଷ୍ଠାନିକ ଭାବେ ରିପୋର୍ଟ ଉପସ୍ଥାପନ କରିଥିଲେ । କେନ୍ଦ୍ର ମନ୍ତ୍ରୀ ପ୍ରଯୁକ୍ତିବିଦ୍ୟାକୁ ଗଣତାନ୍ତ୍ରିକ କରିବାର ଭାରତର ଆଭିମୁଖ୍ୟକୁ ରେଖାଙ୍କିତ କରିଥିଲେ, ଯାହା ଦ୍ୱାରା ଏଆଇର ଲାଭ ସାରା ଦେଶର ନାଗରିକ, ଉଦ୍ୟୋଗ ଏବଂ ଅନୁଷ୍ଠାନ ପର୍ଯ୍ୟନ୍ତ ପହଂଚି ପାରିବ । ‘ଏଆଇ ସାଧାରଣ ଲୋକଙ୍କ ଜୀବନକୁ ବଦଳାଇ ଦେଉଛି । ବାରାମତିରେ, ୩୦ ପ୍ରତିଶତ କମ୍ ପାଣି ଏବଂ ସାର ସହିତ ଆଖୁ ଉତ୍ପାଦନ ୪୦ ପ୍ରତିଶତ ବୃଦ୍ଧି ପାଇଛି, ଯେଉଁ କୃଷକମାନେ କମ୍ପ୍ୟୁଟର ବ୍ୟବହାର କରିବା ବଦଳରେ କେବଳ ଫୋନରେ ଭଏସ୍ ବ୍ୟବହାର କରିଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯକ୍ଷ୍ମା ଚିହ୍ନଟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏଭଳି ଉଦାହରଣ ସମଗ୍ର ଦକ୍ଷିଣ ବିଶ୍ୱ ଏବଂ ବିଶ୍ୱରେ ଜୀବନକୁ ବଦଳାଇ ଦେଇପାରେ ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି ।କେନ୍ଦ୍ର ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ବାରାମତୀ ପଦକ୍ଷେପ ଉପଗ୍ରହ, ଆଇଓଟି ଏବଂ ପାଣିପାଗ ତଥ୍ୟ ଉପରେ ଆଧାରିତ ଏବଂ ଶ୍ରମ ଖର୍ଚ୍ଚ ମଧ୍ୟ ହ୍ରାସ କରିଛି ।

# ଆଖି ବୁଜିଲେ ପ୍ରାକ୍ତନ ଶିକ୍ଷକ ନେତା

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ପୂର୍ବତନ ଶିକ୍ଷକ ନେତା ତଥା କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୀ ଶେଖର ବେହେରାଙ୍କ ପିତା ମନୋରଞ୍ଜନ ବେହେରା (୭୭) ମଙ୍ଗଳବାର ଦିନ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମସ୍ତିଷ୍କ ଆଘାତ ଓ ପକ୍ଷାଘାତ ରେ ଆକ୍ରାନ୍ତ ହେବା ତାଙ୍କୁ ଚିକିତ୍ସାପାଇଁ ଆୟୁସରେ ଭର୍ତ୍ତୀ କରାଯାଇଥିଲା । ତାଙ୍କ ମରଶରିର ଖଇରାରେ ପହଂଚିବା ପରେ ଶହ ଶହ ସଂଖ୍ୟାର କଂଗ୍ରେସ କର୍ମୀଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଖଇରା ବଜାର ପରିକ୍ରମା ପରେ ସ୍ୱର୍ଗଦ୍ୱାର ନିଆଯାଇଥିଲା । ସ୍ୱର୍ଗତ ବେହେରାଙ୍କ ଘର ସାରୁଗାଁ ପଂଚାୟତ କାକୁଡିଆ ଗ୍ରାମରେ ହୋଇଥିବାବେଳେ ସେ ୧୯୭୩ ମସିହାରେ ନବରଙ୍ଗପୁର ଜିଲା ତେନ୍ତୁଳିପଦା ବ୍ଲକର ଅଂଳାପଦା ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଜିବନ ଆରମ୍ଭ କରିଥିଲେ । ୧୯୮୭ ମସିହାରେ ବଦଳି ହୋଇ ଖଇରା ଆସିବା ପରେ ୨୦୦୮ ମସିହାରେ ବରଦା ପଂଚାୟତର ବିଷ୍ଣୁପୁର ୟୁପି ସ୍କୁଲରୁ ଅବସର ଗ୍ରହଣ କରିଥିଲେ । ପିଲାଦିନରୁ କଂଗ୍ରେସ ଆଦର୍ଶରେ ଅନୁପ୍ରାଣିତ ସ୍ୱର୍ଗତ ବେହେରା ଖଇରାରେ କଂଗ୍ରେସକୁ ମଝବୁତ କରିବାକୁ ଉଦ୍ୟମ କରିଥିଲେ ।

# ଏନଏସି ଇଓ ସନ୍ତୋଷ ନାୟକ ନିଲମ୍ବିତ ପରେ ଦେବବ୍ରତଙ୍କୁ ଅତିରିକ୍ତ ଦାୟିତ୍ୱ

ଧାମନଗର(ନିପ୍ର): ପ୍ରଶାସନିକ ଅନିୟମିତତା ନେଇ ଉଠୁଥିବା ପ୍ରଶ୍ନ ମଧ୍ୟରେ ଧାମନଗର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ନିଲମ୍ବନ ପ୍ରଶାସନିକ ମହଲରେ ଚର୍ଚ୍ଚା ସୃଷ୍ଟି କରିଛି । ତାଙ୍କ ସ୍ଥାନରେ ଭଦ୍ରକ ଡେପୁଟି କଲେକ୍ଟର (ଓଏଏସ) ଦେବବ୍ରତ ମହାପାତ୍ରଙ୍କୁ ଧାମନଗର ଏନଏସି ଇଓର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଭଦ୍ରକ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା) ପକ୍ଷରୁ ଅକ୍ଟୋବର ୩ ରେ ଜାରି କାର୍ଯ୍ୟାଳୟ ଆଦେଶ, ପତ୍ର ସଂଖ୍ୟା ୩୧୮ ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଆଦେଶ ଜାରି କରିଛନ୍ତି । ଆଦେଶ ଅନୁଯାୟୀ, ଦେବବ୍ରତ ମହାପାତ୍ର ତୁରନ୍ତ ଦାୟିତ୍ୱ ଗ୍ରହଣ କରି ନିଜର ବର୍ତମାନ ଦାୟିତ୍ୱ ସହ ଧାମନଗର ଏନଏସି ଇଓଙ୍କ ସମସ୍ତ କାର୍ଯ୍ୟଭାର ତୁଲାଇବେ । ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ । ସନ୍ତୋଷ ନାୟକଙ୍କ ନିଲମ୍ବନ ଆଦେଶର ନକଲ ପୌର ପ୍ରଶାସନ ନିର୍ଦ୍ଦେଶକ, ଧାମନଗର ଏନଏସି ଅଧକ୍ଷ ଓ ସମ୍ପୃକ୍ତ ବିଭାଗକୁ ପଠାଯାଇଛି । ଏହି ପଦକ୍ଷେପକୁ କେବଳ ଜଣେ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଭାବେ ନୁହେଁ ବରଂ ସରକାରୀ କାର୍ଯ୍ୟରେ ନିୟମ, ସ୍ୱଛତା ଓ ଜବାବଦେହିତାର ଗୁରୁତ୍ୱର ଏକ ସ୍ୱଷ୍ଟ ବାର୍ତା ଭାବେ ଦେଖାଯାଉଛି ।

# ରାସ୍ତା ପାଇଁ ଆଗକୁ ଆସିଲେ ସନ୍ତୋଷ ପାତ୍ର, ମିଳିଲା ପ୍ରତିଶ୍ରୁତି

କୋରେଇ(ନିପ୍ର): ରାସ୍ତା ମରାମତି ପାଇଁ ଦୀର୍ଘଦିନ ଧରି ଦାବି ଓ ଅଭିଯୋଗ ହେଉଥିବା ସତ୍ୱେ ରାସ୍ତାର ଦୁର୍ଦ୍ଦଶା ଦୂର ହେଉନଥିବାରୁ କୋରେଇ ବ୍ଲକ ଅଂଚଳରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ମରାମତି ପାଇଁ ରାସ୍ତା ଖୋଳି ଦିଆଯିବା ପରେ ଦୀର୍ଘ ପ୍ରାୟ ଆଠ ମାସ ଧରି କାମ ଅଧୁରା ହୋଇ ପଡ଼ିଥିବାରୁ ସାଧାରଣ ଲୋକଙ୍କ ଯାତାୟାତ ଆହୁରି ଦୁର୍ବିଷହ ହୋଇପଡ଼ିଛି । ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ପଂଚାୟତର ନାଲୁଆ ଛକଠାରୁ ମୁକୁନ୍ଦପୁର ପଂଚାୟତର କଡମିଆଁ ଛକ ପର୍ଯ୍ୟନ୍ତ ଥିବା ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି । ପାଣିକୋଇଲି ପୂର୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା ଯାଜପୁର ଓ କେନ୍ଦୁଝର ଜିଲ୍ଲାକୁ ସଂଯୋଗ କରୁଥିବାରୁ ଏହାର ଗୁରୁତ୍ୱ ଅଧିକ । ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ଛୋଟବଡ଼ ଯାନ ବାହନ ସମେତ ବ୍ୟବସାୟିକ ଗାଡ଼ି ଓ ଭାରିଯାନ ଯାତାୟାତ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏହି ରାସ୍ତା କେବଳ ଦୁଇ ଜିଲ୍ଲା ମଧ୍ୟରେ ଯାତାୟାତର ଏକ ପ୍ରମୁଖ ମାଧ୍ୟମ ନୁହେଁ, ଏହା ଉପରେ ଅନେକ ଗାଁର ଲୋକଙ୍କ ଦୈନନ୍ଦିନ ଜୀବନ ମଧ୍ୟ ନିର୍ଭରଶୀଳ । ବରୁଣ୍ଡେଇ ସ୍କୁଲ, ବୈତରଣୀ ପି.କେ. କଲେଜ ଓ ମୁକୁନ୍ଦପୁର ସଂସ୍କୃତ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ସ୍ଥାନୀୟ ଲୋକେ ନିୟମିତ ଭାବେ ଏହି ରାସ୍ତା ବ୍ୟବହାର କରୁଛନ୍ତି । ରାସ୍ତାର ଦୁରବସ୍ଥା ଯୋଗୁଁ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ମଧ୍ୟ ଅଭିଭାବକ ମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ରାସ୍ତାର ଅବସ୍ଥା ଖରାପ ଥିବାରୁ ମରାମତି ପାଇଁ ବାରମ୍ବାର ସମ୍ପୃକ୍ତ ବିଭାଗ ନିକଟରେ ଦାବି କରାଯାଇଥିଲା । ପରେ ପୂର୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇ ଜଣେ ଠିକାଦାରଙ୍କୁ କାମ ଦିଆଯାଇଥିବା କୁହାଯାଉଛି । ଏହାପରେ ଜେସିବି ମେସିନ ଲଗାଇ ରାସ୍ତାର ବିଭିନ୍ନ ସ୍ଥାନ ଖୋଳାଯାଇଥିଲା । ରାସ୍ତା ମରାମତି ହୋଇ ଯାତାୟାତ ସମସ୍ୟା ଦୂର ହେବ ବୋଲି ଲୋକେ ଆଶା କରିଥିଲେ । ହେଲେ ରାସ୍ତା ଖୋଳାଯିବାର ପ୍ରାୟ ଆଠ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି କାମ ସମ୍ପୂର୍ଣ୍ଣ ହୋଇନଥିବା ଅଭିଯୋଗ ହୋଇଛି । ଫଳରେ ପୂର୍ବରୁ ଖରାପ ଥିବା ରାସ୍ତା ମରାମତି ପରିବର୍ତେ ଅଧିକ ବିପଦସଙ୍କୁଳ ହୋଇପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି । ରାସ୍ତାରେ ବଡ଼ ବଡ଼ ଖାଲ ଓ ଅସମତଳ ସ୍ଥାନ ଯୋଗୁଁ ଦୁଇଚକିଆ ଯାନ ଚାଳକ, ବୃଦ୍ଧ, ଛାତ୍ରଛାତ୍ରୀ ଓ ରୋଗୀଙ୍କୁ ନେଇ ଯାଉଥିବା ଯାନଗୁଡ଼ିକ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ବର୍ଷା ସମୟରେ ସମସ୍ୟା ଆହୁରି ଗମ୍ଭୀର ହେଉଥିବା କୁହାଯାଉଛି । ଖାଲରେ ପାଣି ଜମି ଯିବା ଫଳରେ ରାସ୍ତାର ଗଭୀରତା ଜଣାପଡୁନ ଥିବାରୁ ଦୁର୍ଘଟଣାର ଆଶଙ୍କା ରହୁଛି । ରାତି ସମୟରେ ଏହି ସମସ୍ୟା ଆହୁରି ବଢୁଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ । ଏପରି ସ୍ଥିତିରେ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ମୁକୁନ୍ଦପୁର ପଂଚାୟତର ଯୁବକ ସନ୍ତୋଷ କୁମାର ପାତ୍ର କୋରେଇ ବିଡିଓ, ଯାଜପୁର ଜିଲ୍ଲାପାଳଙ୍କ ସମେତ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ରାସ୍ତାର ବର୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ତୁରନ୍ତ ମରାମତି କାମ ଆରମ୍ଭ କରି ସାଧାରଣ ଲୋକଙ୍କ ଯାତାୟାତକୁ ସୁଗମ ଓ ସୁରକ୍ଷିତ କରିବାକୁ ସେ ନିବେଦନ କରିଛନ୍ତି । ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ସମ୍ପୃକ୍ତ ଅଧିକାରୀ ଓ ବିଧାୟକଙ୍କ ପକ୍ଷରୁ ରାସ୍ତା ମରାମତି ନେଇ ପ୍ରତିଶ୍ରୁତି ମିଳିଛି । ଖୁବଶୀଘ୍ର ଅଧୁରା କାମ ଆରମ୍ଭ ହୋଇ ଲୋକଙ୍କ ଯାତାୟାତ ସମସ୍ୟା ଦୂର ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।ତେବେ ପ୍ରତିଶ୍ରୁତି ପରେ ମଧ୍ୟ ଯଦି ରାସ୍ତା ମରାମତି କାମ ଆରମ୍ଭ ନହୁଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କୁ ସାଙ୍ଗରେ ନେଇ ରାସ୍ତାରୋକ କରାଯିବ ବୋଲି ଅଭିଯୋଗକାରୀ ଚେତାବନୀ ଦେଇଛନ୍ତି । ଏବେ ପ୍ରଶ୍ନ ଉଠୁଛି ମରାମତି ପାଇଁ ରାସ୍ତା ଖୋଳିବା ପରେ ପ୍ରାୟ ଆଠ ମାସ ଧରି କାମ ଅଧୁରା ରହିବାର କାରଣ କ’ଣ ? ଠିକାଦାରଙ୍କ ପକ୍ଷରୁ କାମରେ ବିଳମ୍ବ ହେଉଛି ନା ବିଭାଗୀୟ ସ୍ତରରେ କୌଣସି ସମସ୍ୟା ରହିଛି । ରାସ୍ତା ଖୋଳିବା ପରେ ସାଧାରଣ ଲୋକଙ୍କ ସୁରକ୍ଷିତ ଯାତାୟାତ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା କି ନାହିଁ, ତାହା ମଧ୍ୟ ଏବେ ଆଲୋଚନାର ବିଷୟ ହୋଇଛି । ଲୋକଙ୍କ ଟିକସ ଅର୍ଥରେ ନିର୍ମାଣ ଓ ମରାମତି ହେଉଥିବା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର କାମ ଦୀର୍ଘ ସମୟ ଧରି ଅଧୁରା ରହିବା ନେଇ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ କେବେ ଗୁରୁତ୍ୱ ଦେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର । ସ୍ଥାନୀୟ ଲୋକଙ୍କ ଦାବି, ରାସ୍ତା ମରାମତି କାମରେ ଆଉ ବିଳମ୍ବ ନକରି ତୁରନ୍ତ କାମ ଆରମ୍ଭ କରାଯାଉ । ଏଥିସହ କାମର ମାନ ଉପରେ ନଜର ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସମ୍ପୂର୍ଣ୍ଣ କରାଯାଉ । ନଚେତ୍ ଆଗାମୀ ଦିନରେ ଏହି ସମସ୍ୟାକୁ ନେଇ ଆନ୍ଦୋଳନ ତୀବ୍ର ହେବାର ସମ୍ଭାବନା ରହିଛି । ଏବେ ଦେଖିବାର କଥା, ପ୍ରାୟ ଆଠ ମାସ ଧରି ଅଧୁରା ହୋଇ ପଡ଼ିଥିବା ଏହି ରାସ୍ତାର ମରାମତି କାମ କେବେ ଆରମ୍ଭ ହେଉଛି ଏବଂ କେବେ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ହେଉଛି ।

# ଇଣ୍ଡିଆ ମେଂଟର ହରତାଳ

ଜଳେଶ୍ୱର(ନିପ୍ର): ମୁଖ୍ୟ ନିର୍ବାଚନ କମିଶନର ଙ୍କ ଇସ୍ତଫା,ଏମ ଏମ୍ ଡି ଆର ଆଇନ୍ ପ୍ରତ୍ୟାହାର, ଗଣଶିକ୍ଷା ମନ୍ତ୍ରୀ ଙ୍କ ଇସ୍ତଫା,ବନ୍ୟା ପ୍ରଭାବିତ ଙ୍କୁ ସହାୟତା ଦାବି ନେଇ ଇଣ୍ଡିଆ ମେଂଟର ପକ୍ଷରୁ ଜଳେଶ୍ୱର ହରତାଳର ପ୍ରଭାବ ଦେଖିବାକୁ ମିଳିଥିଲା ।୧୬ ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ଠାରେ, ସଡ଼କ ଅବରୋଧ ଯୋଗୁଁ ସକାଳ ୬ ଟା ସମୟରୁ ୯ଟା ପର୍ଯ୍ୟନ୍ତ ଚକ ଅଖ ବନ୍ଦ ରହିଥିଲା । ଫଳରେ ଲମ୍ବା ଲାଇନ୍ ରେ ଶତାଧିକ ଗାଡ଼ି ଛିଡ଼ା ହୋଇ ରହିଥିଲେ । ରେଳ ଷ୍ଟେସନ ରେ ବିକ୍ଷୋଭ କାରୀ ମାଲବାହୀ ଟ୍ରେନକୁ ଅଟକାଇବା ଫଳରେ ଟ୍ରେନ୍ ଗୁଡ଼ିକ ବିଳମ୍ବରେ ଗଡିଥିଲା । କେତେକ ଅନୁଷ୍ଠାନ ପ୍ରତିଷ୍ଠାନ ସ୍ୱତପ୍ରବୃତ କାର୍ଯ୍ୟାଳୟ ବନ୍ଦ କରିଥିବା ବେଳେ ବିକ୍ଷୋଭ କାରୀ ବଜାରରେ ପିକେଟିଂ କରି ସମସ୍ତ ଦୋକାନ ବଜାର କୁ ବନ୍ଦ କରିଥିଲେ । ଷ୍ଟେସନ ଛକ, ବଡ଼ ବଜାର, ବ୍ଲକ ସମ୍ମୁଖରେ ହରତାଳ ହେବା ସହିତ ବାଇକ୍ ରାଲି ମାଧ୍ୟମରେ ଏବଂ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଇଣ୍ଡିଆ ମେ[ର ପକ୍ଷରୁ କଂଗ୍ରେସର ସୁଦର୍ଶନ ଦାସ,ରାଜ୍ୟ ସାଧାରଣ ସମ୍ପାଦକ ରାଜୀବ ପରିଡ଼ା, ବାମପନ୍ଥୀ ନେତା ଦିଲ୍ଲୀପ ଗିରି, ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ଶିକ୍ଷକ ନେତା ଅକ୍ଷୟ ମିଶ୍ର, ମନୋରଞ୍ଜନ ଦାସ, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତୀ, ନଗର କଂଗ୍ରେସ ସଭାପତି ଜଗଦୀଶ ନନ୍ଦୀ, କୃଷକ ନେତା ସୁଦାମ ପାତ୍ର, ଆଇନଜୀବୀ ଗିରିଜା ଶଙ୍କର ଦାସ, ଦିପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା, ପଲ୍ଟୁ ଦାସ, ଜୀବନ ପରିଡ଼ା, ଦିଲ୍ଲୀପ ପରିଡ଼ା, ରବିନ୍ଦ୍ର ବାରିକ,ଗଣେଶ ଭୂୟାଁ, ସପନ ରାଉତ, ସବ୍ୟସାଚୀ ଦାସ,ଗତି କୃଷ୍ଣ ଦଳାଇ,ହରି ଶଙ୍କର ଜେନା, ଗୋପାଳ କୃଷ୍ଣ ଜେନା, ଆଇନଜୀବୀ ଫରିଦ ଅହମଦ, ଖଗେନ୍ଦ୍ର ସାମଲ, ଗୌରହରି ସାହୁ, ଏସ କେ ସଇଫୁଲ, ଶିବ ଶଙ୍କର ଦାସ, ଏସ କେ ପୁନମ, ପାଣ୍ଡବ ସେନାପତି, ଦୁର୍ଗା ଶଙ୍କର ଆସ ପ୍ରମୁଖ ସାମିଲ୍ ହୋଇ ଡବଲ ଇଞ୍ଜିନ ସରକାର ଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ।

# ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଚୋରି ଅଭିଯୋଗ

ଧାମନଗର(ନିପ୍ର): ଆଲମାରୀ ରେ ତାଲା ପଡ଼ିଥିଲା, ହେଲେ ଖୋଲିବା ବେଳକୁ ଗାଏବ ହୋଇଯାଇଥିଲା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର । ଧୂଷୁରୀ ଥାନା ଅନ୍ତର୍ଗତ ସାଁଳପୁର ଗ୍ରାମର ଏହି ଚୋରି ଘଟଣା ଏବେ ନୂଆ ମୋଡ଼ ନେଇଛି । ଚୋରି ସୁନା କିଣାବିକା ଅଭିଯୋଗରେ ବେତାଳିଗାଁ ବଜାରର ‘ଶିବ ପ୍ରସାଦ ଜୁଏଲାରି’ ମାଲିକ ପ୍ରଭାତ ପଣ୍ଡାଙ୍କୁ ପୁଲିସ ଗତକାଲି ଅଟକ ରଖି ପଚରାଉଚରା କରିଥିବା ବେଳେ, ଏନେଇ ଧୂଷୁରୀ ଥାନାରେ ମାମଲା ନଂ ୪୪୭/୨୦୨୬ ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ସାଁଳପୁର ଗ୍ରାମର ପୂଜାରାଣୀ ନାୟକଙ୍କ ଘରେ ରଖାଯାଇଥିବା ସୁନା ଚେନ୍ ?, ନାକଫୁଲ, ଟିକା, କାନଫୁଲ, ଚୁଡ଼ି, ବାହୁଟି ଓ ପୁଅଙ୍କ ସୁନା ଚେନ୍ ସମେତ ବିଭିନ୍ନ ଅଳଙ୍କାର ଗାଏବ ହୋଇଯାଇଥିଲା । ଅକ୍ଟୋବର ୧ ତାରିଖ ସନ୍ଧ୍ୟା ପ୍ରାୟ ୬ ଟା ୩୦ ରେ ଆଲମାରୀ ଖୋଲିବା ପରେ ଅଳଙ୍କାର ନଥିବା ଜଣାପଡ଼ିଥିଲା । ପରବର୍ତୀ ତଦନ୍ତରେ ଜଣେ ନାବାଳିକାଙ୍କ ଉପରେ ପୁଲିସର ସନ୍ଦେହ ଯାଇଥିବା ଜଣାପଡ଼ିଛି । ଅଭିଯୋଗ ଅନୁସାରେ, ନାବାଳିକା ଜଣକ ପୂଜାରାଣୀଙ୍କ ଘରକୁ ଯାତାୟାତ କରୁଥିବା ସମୟରେ ସୁନା ଅଳଙ୍କାର ଦେଖିଥିଲେ । ପରେ ସୁଯୋଗ ନେଇ ପ୍ରାୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଅଳଙ୍କାର ନେଇ ବେତାଳିଗାଁ ବଜାରସ୍ଥିତ ‘ଶିବ ପ୍ରସାଦ ଜୁଏଲାରି’ରେ ବିକ୍ରି କରିଥିବା ଅଭିଯୋଗ ହୋଇଛି । ଘଟଣା ସାମ୍ନାକୁ ଆସିବା ପରେ ପୂଜାରାଣୀ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ପୁଲିସ ଆଜି ଭାରତୀୟ ନ୍ୟାୟ ସଂହିତାର ଧାରା ୩୨୯(୪) ଓ ୩୦୫ରେ ମାମଲା ରୁଜୁ କରିଛି । ସବ୍-ଇନ୍ସପେକ୍ଟର ବିନ୍ମୟ ପାତ୍ର ତଦନ୍ତ ଭାର ନେଇଛନ୍ତି । ଚୋରି ସୁନା କିଣାଯାଇଥିବା ଅଭିଯୋଗକୁ ନେଇ ପୁଲିସ ଜୁଏଲାରି ମାଲିକ ପ୍ରଭାତ ପଣ୍ଡାଙ୍କୁ ଗତକାଲି ଅଟକ ରଖିଥିଲା । ତାଙ୍କଠାରୁ ସୁନା କିଣାବିକା ସମ୍ପର୍କରେ ପୁଲିସ ପଚରାଉଚରା ଜାରି ରଖିଥିବା ଜଣାପଡ଼ିଛି । ଚୋରି ଅଳଙ୍କାର ଉଦ୍ଧାର ହୋଇଛି କି ନାହିଁ ଏବଂ ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ତଦନ୍ତ ଚାଲିଛି । ଏହି ଘଟଣା ପରେ ଚୋରି ସୁନାର ବେଆଇନ କାରବାରକୁ ନେଇ ସ୍ଥାନୀୟ ଅଂଚଳରେ ମଧ୍ୟ ପ୍ରଶ୍ନ ଉଠିଛି । ତଦନ୍ତ ଆଗକୁ ବଢ଼ିଲେ ଚୋରି ସୁନା କାରବାରର ସମ୍ପୂର୍ଣ୍ଣ ଚିତ୍ର ସ୍ୱଷ୍ଟ ହେବ ବୋଲି ଆଶା କରାଯାଉଛି ।

# ପି.ଏମ୍.ଶ୍ରୀସରକାରୀ ଉଚ୍ଚବିଦ୍ୟାଳୟରେ ଦକ୍ଷତା ବୃଦ୍ଧି ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ନୟାଗଡ଼(ନିପ୍ର): ନୂଆଗାଁ ସଦର ମହକୁମାରେ ଅବସ୍ଥିତ ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଦକ୍ଷତା ବୃଦ୍ଧି (Capacity Building Programme) ତଥା ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରାଳୟ (MoEF&CC) ଏବଂ ଓଡ଼ିଶା ସରକାରଙ୍କ ପରିବେଶ ଅଧ୍ୟୟନ କେନ୍ଦ୍ର (CES) ର ମିଳୁତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ‘ପ୍ରାକୃତିକ ଶିଳ୍ପକଳା ଏବଂ ପରିବେଶ ଅନୁକୂଳ ପଦକ୍ଷେପ’ (Natural Crafts & Eco-Friendly Initiative) ।ମୁଖ୍ୟ ବାର୍ତା: ‘ଏକ ପରିଷ୍କାର, ସବୁଜ ଆଗାମୀ କାଲି ପାଇଁ ଏକାଠି’ ଏବଂ ‘ଛୋଟ ପଦକ୍ଷେପ, ବଡ଼ ପ୍ରଭାବ’ । ସମ୍ମାନିତ ଅତିଥି ତଥା ବକ୍ତା ଭାବେ ଡଃ. ଗିରିଜା ଶଙ୍କର ମହାପାତ୍ର ଯୋଗଦେଇ ପ୍ରାକୃତିକ ସମ୍ପଦର ସଦପ୍ରୟୋଗ ଏବଂ ପରିବେଶ ଅନୁକୂଳ କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ । ପରିବେଶ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ମାଷ୍ଟର ଟ୍ରେନର ସନ୍ତୋଷ ଚନ୍ଦ୍ର କର ଏବଂ ପ୍ଲାନିଂ ଆସିଷ୍ଟାଂଟ ଭରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟର ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନୂଆଗାଁ ବ୍ଲକର ବିଭିନ୍ନ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷାପ୍ରେମୀ ମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି ଶିବିରକୁ ସରସ ସୁନ୍ଦର କରିବାରେ ରୋଜାଲିନ ମିଶ୍ର , ବିଭୂପ୍ରସାଦ ନନ୍ଦ ସନ୍ତୋଷ କୁମାର ସାହୁ, ମଧୁସ୍ମିତା ଦାସ ଏବଂ ପ୍ରହ୍ଲାଦ ସାହୁ ପ୍ରମୁଖ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶେଷରେ ନୂଆଗାଁ ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।


No. 34001/990/2627

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-22/2026-27

1. Number of works - (01)
2. Approximate estimated cost: - 53.58 lakh
3. Period of Completion :- 02 (Two) Calendar Months
4. Date & Time of availability of bid documents in the portal:- Dt. 15.10.2026 to 28.10.2026
5. Last Date / Time of receipt of bid in the portal :- Dt. 28.10.2026 up to 5.00 PM
6. Date of Opening of bid:- Dt. 29.10.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR. 34001/34025/1/26-27/0019





ଈଶ୍ୱରଙ୍କୁ ପାଇବା ପାଇଁ ଯାହାର ହୃଦୟ ବ୍ୟାକୁଳ ହେଉଛି, ତାହାର ଜନ୍ମ ଧନ୍ୟ ଏବଂ ତା'ର ମାତା ଧନ୍ୟ

# ଆଜିକାଲି



କ୍ଲୈବ୍ୟଂ ମାସ୍ମ ଗମଃ ପାର୍ଥ ନୈତ□ୁ୍ୟପପଦ୍ୟତେ ।
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋ□ଷ୍ଠ ପରନ୍ତପ ॥
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ :ହେ ଅର୍ଜ୍ଜୁନ ! ତୁମ୍ଭ ପରି ମହାବୀର ପକ୍ଷରେ ଏପରି କାତର ହେବ ଅନୁଚିତ । ହେ ଶତ୍ରୁତାପନ ! ତୁମେ ଦୁର୍ବଳତା ତ୍ୟାଗ କରି ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଯାଅ ।

## ସ୍ୱତନ୍ତ୍ର ସଘନ ସଂଶୋଧନ

ଏସ୍‌ଆଇଆର ବା ସ୍ୱତନ୍ତ୍ର ସଘନ ସଂଶୋଧନକୁ ନେଇ ଚାଲିଥିବା ବାକ୍‌ବିତଣ୍ଡା ପରେ ମୁଖ୍ୟ ନିର୍ବାଚନ କମିଶନର ପରିସ୍ଥିତିକୁ ଶାନ୍ତ କରିବାକୁ ଯାଇ ନୂଆ ନିର୍ଦ୍ଦେଶ ଜାରି ମାଧ୍ୟମରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିବିଶେଷଙ୍କୁ ପୁଣି ତାଲିକାରେ ସାମିଲ କରିବା ପାଇଁ କାର୍ଯ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଭୋଟର ତାଲିକାରେ ନାମ ସାମିଲ କରିବାକୁ ଯୋଗ୍ୟ ନାଗରିକମାନଙ୍କୁ ଆବେଦନ ଓ ପଞ୍ଜିକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ଓଡ଼ିଶା ସମେତ ସାରା ଦେଶରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇ ସାରିଛି । ଏସ୍‌ଆଇଆର ଯୋଗୁଁ ଓଡ଼ିଶାରୁ ପ୍ରାୟ ୨୦ ଲକ୍ଷ ଭୋଟର ତାଲିକାରୁ ବାଦ୍ ପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଓ କେତେକ ନୂଆ ଭୋଟର ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନରେ ଭୋଟର ତାଲିକାରେ ସାମିଲ ହୋଇପାରନ୍ତି । ଯୋଗ୍ୟ ଭୋଟର ମାନେ ନାଗରିକା ପାଇବେ । ଅବଶ୍ୟ ଏଥିପାଇଁ ବିରୋଧି ଦଳ ସମେତ ନାଗରିକ ସମାଜ, ଛାତ୍ର ଓ ଯୁବସମାଜ ରାଜରାସ୍ତାକୁ ଓହ୍ଲାଇ ଭୋଟର ଅଧିକାର ପାଇଁ ସ୍ୱର ଉତୋଳନ କରିଛନ୍ତି । କହିବାକୁ ଗଲେ ସାରା ଦେଶରୁ ୧୩ କୋଟିରୁ ଅଧିକ ଭୋଟର ବାଦ୍ ପଡ଼ିଥିବାରୁ ପରିସ୍ଥିତି ବିଦ୍ରୋହର ରୂପ ନେଇଥିଲା । ପୂର୍ବତନ ବିଚାରପତିଙ୍କ ଠାରୁ ଆରମ୍ଭ କରି ଅନେକ ବୁଦ୍ଧିଜୀବୀ ଭୋଟର ତାଲିକାରୁ ନାଗରିକ ମାନଙ୍କ ନାମ ହଟିବାକୁ ନେଇ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିବା ଏବଂ ଏହାର ସୁଧାର ପାଇଁ ଆରମ୍ଭ ହୋଇଥିବା ପ୍ରକ୍ରିୟା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଭୋଟଦାନ ପାଇଁ ଯୋଗ୍ୟ ନାଗରିକମାନଙ୍କୁ ଆବଶ୍ୟକ ପ୍ରକ୍ରିୟା ମାଧ୍ୟମରେ ପୁନଃଭୋଟର ତାଲିକାରେ ସାମିଲ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଏଥି ସହିତ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକ/ଯୁବତୀଙ୍କୁ ମଧ୍ୟ ଭୋଟର ତାଲିକାରେ ସାମିଲ କରିବା ଉପରେ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସଂଗୃହିତ ତଥ୍ୟକୁ ଜିଲ୍ଲାସ୍ତରରେ ଯାଂଚ କରାଯିବ । ଯାଂଚ ପରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ । ଏହି ଯାଂଚ ପାଇଁ ବିଏଲଓମାନେ ଘରଘର ବୁଲି ତଥ୍ୟ ସଂଗ୍ରହ କରିବାର ଦାୟିତ୍ୱ ନିଭାଇଥିବା ବେଳେ ତ୍ରୁଟିଶୂନ୍ୟକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରସଙ୍ଗକୁ ନେଇ ଭୋଟର ତାଲିକା ପ୍ରସ୍ତୁତ କରିବା ସତରେ ଏକ ବଡ଼ ଆହ୍ୱାନ । ନିର୍ଭୁଲ ଭାବେ ଭୋଟର ତାଲିକା ପ୍ରସ୍ତୁତ କରିବା ହୁଏତ ସମୟ ସାପେକ୍ଷ କିନ୍ତୁ କାର୍ଯ୍ୟ ସରଣୀରେ ଯେପରି ତ୍ରୁଟି ନ ବାହାରୁ । କାରଣ ନାଗରିକତ୍ୱକୁ ବଂଚିତ କରିବା ହେଉଛି ପ୍ରକାରାନ୍ତରେ ଗଣତନ୍ତ୍ର ପ୍ରତି ଦ୍ରୋହ । ଯାହାହେଉ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଭୋଟର ତାଲିକା ଠିକ୍ ହୋଇ ପାରିବ ଏବଂ ଜନସାଧାରଣ ସେମାନଙ୍କ ନାଗରିକ ଅଧିକାରକୁ ନେଇ କୌଣସି ଦ୍ୱନ୍ଦ ରହିବ ନାହିଁ ବୋଲି ଆଶା କରାଯାଉଛି । ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ବିଳମ୍ୱ ହେଲେ ମଧ୍ୟ ତ୍ରୁଟିଶୂନ୍ୟ ହେଉ ଏବଂ ନାଗରିକ ମାନେ ନିଜ ନାଗରିକତ୍ୱ ନେଇ ଭବିଷ୍ୟତ ପାଇଁ ନିଜ ନିଜ ଅଧିକାର ସାବ୍ୟସ୍ତ କରନ୍ତୁ ।



## କାଶତଣ୍ଡୀ ପଟୁଆର

◆ ରାମଚନ୍ଦ୍ର ବେହେରା

ଶରତ ଆଗମେ ଶୁଭ୍ର ମେଘ ମାଳା
ଆକାଶେ ଚଳ ଚଂଚଳ
ନଈପଠା ଧାରେ ଗହୀର ହୁଡାରେ
କାଶତଣ୍ଡୀ ପଟୁଆର ।
ନିଦାଘର ଅନ୍ତେ ଜନମି ଥିଲା ସେ
ବଢିଲା ବରଷା କାଳେ
ଶରତ ଆସନ୍ତେ ତା' ସୁନ୍ଦର ପୁଷ୍ପ
ଲୋଟିଲା ଧରଣୀ କୋଳେ ।
ପୂର୍ବେଇ ବାଆରେ ଖେଳୁଛି ସେ ଦୋଳି
ଅପୂର୍ବ ତା' ଶୋଭାରାଜି
ପଥିକ ନଜର ଫେରାଇ ପାରୁନି
ଆନନ୍ଦେ ଯାଇଛି ମଜି ।
କେତେବେଳେ ରୁହେ ନିରବ ନିଶ୍ଚଳ
ଶାନ୍ତ ଶୁଭ୍ର ତା' ଚେହେରା
ବାଡି ବଗିଚାରେ ନପାଇ ବି ସ୍ଥାନ
ତା' ପାଇଁ ହସଇ ଧରା ।
ରାସ୍ତା ଦୁଇପଟେ ସଜେଇ ହୋଇ ସେ
କିଣିନିଏ ଜନମନ
ଧୋବ ଫରଫର ଚଉଁରୀଟି ପରି
ହଲୁଥାଏ ରାତିଦିନ ।
ତା'ର ଆମନ୍ତ୍ରଣେ ଦୁର୍ଗା ମା' ଆସିବେ
ପାପର ବିନାଶ ହେବ
ତା ରୂପ ଲାବଣ୍ୟ ସାରା ଜଗତରେ
ସ୍ନେହ ଶ୍ରଦ୍ଧା ଭରି ଦେବ ।
ହସି ଖେଳି ସେହି ସଭିଂକ ପରାଣେ
ଖୁସିର ବାରତା ବାଂଟେ
ତା ସ୍ନେହ ପରଶେ ନିର୍ମଳ ଶରତ
ହର୍ଷ ଉଲ୍ଲାସରେ ବିତେ ।

*ଟେନ୍ତୁଳିପଦା,ଜଗତସିଂହପୁର,ମୋ-୭୩୫୫୬୩୪୩୪୬*

## 'ଯୁବାବସ୍ଥାରେ ମାନସିକ ସ୍ୱାସ୍ଥ୍ୟ ଓ ପରିବର୍ତ୍ତନଶୀଳ ଦୁନିଆ'

# ଅବହେଳିତ ନ ହେଉ ମାନସିକ ସ୍ୱାସ୍ଥ୍ୟ

◆ ଡାକ୍ତର ସମ୍ରାଟ କର

ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ । ଚଳିତବର୍ଷର ସ୍ଲୋଗାନ ବା ବାର୍ତ୍ତା ରହିଛି 'ମନସ୍ତାତ୍ୱିକ ପ୍ରାଥମିକ ଚିକିତ୍ସା' (ସାଇକୋଲୋଜିକାଲ୍ ଫାଷ୍ଟ୍ରାଏଡ୍) । ଖାଦ୍ୟ, ବସ୍ତ୍ର, ପାନୀୟ, ବାସଗୃହ ପରେ ପ୍ରଦୂଷଣମୁକ୍ତ ବାୟୁ ପରି ସୁସ୍ଥ ଜୀବନ ବିତାଇବା ପାଇଁ ଶାରୀରିକ ସ୍ୱାସ୍ଥ୍ୟ ଭଳି ମନୁଷ୍ୟ ଆବଶ୍ୟକ କରେ ମାନସିକ ଶାନ୍ତି । ଏଥିପାଇଁ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଯଥେଷ୍ଟ ବେଶୀ । ଶାରୀରିକ ଦୌର୍ବଲ୍ୟ ବା ଅସୁସ୍ଥତାର ଚିକିତ୍ସା ପାଇଁ ଯେପରି ଶାରୀରିକ ରୋଗ ଚିକିତ୍ସାମାନଙ୍କ ପରାମର୍ଶ ଓ ସେବା ଦରକାର ହୋଇଥାଏ, ମାନସିକ ରୋଗ ପାଇଁ ସେହିପରି ଦରକାର ହୋଇଥାଏ ମନୋଚିକିତ୍ସକମାନଙ୍କ ପରାମର୍ଶ ଓ ସେବା । କିନ୍ତୁ ଭାରତରେ ମାନସିକ ରୋଗୀମାନଙ୍କ କ୍ଷେତ୍ରରେ ଏହା ସବୁବେଳେ ବିଭିନ୍ନ କାରଣରୁ ସମ୍ଭବ ହୋଇପାରିନଥାଏ । କେତେବେଳେ ରୋଗୀର ଆତ୍ମୀୟସ୍ୱଜନଙ୍କ ଅଜ୍ଞତା ଅର୍ଥାତ୍ ସଚେତନତାର ଅଭାବରୁ ତ ଆଉ କେବେ ଆର୍ଥିକ ପ୍ରତିବନ୍ଧକ ଏହି ରୋଗୀମାନଙ୍କ ଚିକିତ୍ସା ପାଇଁ ସମସ୍ୟା ସୃଷ୍ଟି କରୁଥିବାବେଳେ ମନୋଚିକିତ୍ସକଙ୍କ ଅଭାବ ଅନ୍ୟ ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି । ତେଣୁ ସମଗ୍ର ଦେଶରେ ସଦାସର୍ବଦା ମାନସିକ ରୋଗ ଚିକିତ୍ସା ହୋଇ ଆସିଛି ବେଶ୍ ଅବହେଳିତ । ଏପରି କହିବାର କାରଣ ଦେଶରେ ମୋଟ ୧,୩୨, ୦୦୦ ମନୋ ଚିକିତ୍ସାବିତ୍‌ଙ୍କର ଆବଶ୍ୟକତା ରହିଥିବାବେଳେ ଅଛନ୍ତି ମାତ୍ର ୩୦୦୦ । ଆଉ ଏମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କର ଚିକିତ୍ସା ପେସାରେ ଚାଲୁରଖନ୍ତି ସହରା□ଳରେ । ସଚରାଚର ଦେଖାଯାଏ, ଗ୍ରାମା□ଳର ଲୋକମାନଙ୍କର ତ ଏପର୍ଯ୍ୟନ୍ତ ଏ ବିଷୟରେ ଧାରଣ ହିଁ ନାହିଁ । ପାଶ୍ଚାତ୍ୟ ଦେଶମାନଙ୍କରେ ଅଧିକାଂଶ କ୍ଷେତ୍ରରେ ଏପରି ରୋଗ ସୃଷ୍ଟି ହୋଇଥାଏ ମାନସିକ ତଥା ସ୍ନାୟବିକ ସମସ୍ୟା ଏବଂ ବିଭିନ୍ନ ପ୍ରକାରର ଯାନ୍ତ୍ରିକ ଉପକରଣର ବ୍ୟବହାର ଯୋଗୁଁ । ଭାରତରେ କିନ୍ତୁ ଏହି କାରଣଗୁଡ଼ିକ ମାତ୍ର ୧୨ ପ୍ରତିଶତ କ୍ଷେତ୍ରରେ ଦାୟୀ । ଯେତେବେଳେ ବି କୌଣସି ବ୍ୟକ୍ତିଙ୍କ ଠାରେ ମାନସିକ ରୋଗର ଲକ୍ଷଣ ଦେଖାଯାଏ, ସମାଜର ରହିଥିବା ଅନ୍ଧବିଶ୍ୱାସ ଯୋଗୁଁ ତାଙ୍କୁ ମନୋଚିକିତ୍ସକଙ୍କ ପାଖକୁ ନିଆଯାଇ ନଥାଏ ଉପଯୁକ୍ତ ଚିକିତ୍ସା ପାଇଁ । ମାନସିକ ଅବସାଦ ଭଳି ରୋଗ ପାଇଁ ମଧ୍ୟ ଚିକିତ୍ସାଳୟ ବା ଡାକ୍ତରଖାନାର ଦ୍ୱାର ମାଡ଼ିବା ଦେଖାଯାଏ କ୍ୱଚିତ୍ । ପ୍ରାୟତଃ ରୋଗର ଶିକାର ହୋଇଥିବା ବ୍ୟକ୍ତିକୁ ପାଗଳଖାନାରେ ଭର୍ତ୍ତି କରିଦେଇ ତାର ଆତ୍ମୀୟସ୍ୱଜନ ହୋଇଯାନ୍ତି ନିଶ୍ଚିତ । ମନୋଚିକିତ୍ସା ଯେ ଡାକ୍ତରୀ ଚିକିତ୍ସା ଭଳି ଚିକିତ୍ସା ଶାସ୍ତ୍ରର ଏକ ବିଭାଗ ଏବଂ ଅନ୍ୟାନ୍ୟ ରୋଗ ଭଳି ଏହା ମଧ୍ୟ ପ୍ରଭାବଶାଳୀ ଔଷଧମାନ ଆବିଷ୍କାର କରି ଚିକିତ୍ସା କରିବାରେ ସକ୍ଷମ, ତାହାକୁ ଗ୍ରାମାଂଚଳର ଜନସାଧାରଣ ସହଜରେ ଗ୍ରହଣ କରିପାରିନଥାନ୍ତି । ସଂପ୍ରତି ସାଧାରଣ ମାନସିକ ଅବସାଦ ଠାରୁ ଆରମ୍ଭ କରି ଦୀର୍ଘଦିନ ପର୍ଯ୍ୟନ୍ତ ଭୋଗିଆସୁଥିବା ସିଜୋଫର୍ଣ୍ଣିଆ ରୋଗର ଚିକିତ୍ସା ପାଇଁ ମଧ୍ୟ ଔଷଧ ଆବିଷ୍କୃତ ହୋଇସାରିଛି ଏବଂ ରୋଗୀକୁ ଚିକିତ୍ସାଳୟରେ ରଖିବା କିମ୍ବା ଇଲେକ୍ଟ୍ରିକ୍ ସକ୍ ଦେବାର ଆବଶ୍ୟକତା ମଧ୍ୟ ନାହିଁ । କିନ୍ତୁ ଏହା ଜନସାଧାରଣଙ୍କୁ ଅବଗତ କରାଇବା ଦରକାର କାରଣ ସାଧାରଣତଃ କୌଣସି ପରିବାରରେ କୌଣସି ବ୍ୟକ୍ତି ଏପରି ରୋଗର ଶିକାର ହେଲେ ସେମାନେ ରୋଗୀକୁ ଜଣେ ଅପରାଧୀଠାରୁ ମଧ୍ୟ ଅଧିକ ଖରାପ ବ୍ୟବହାର ପ୍ରଦର୍ଶନ କରିଥାନ୍ତି । ନିକଟରେ କେରଳରେ ଘଟିଥିବା ଏହିପରି ଏକ ଘଟଣାକୁ ଉଦାହରଣ ରୂପେ ନିଆଯାଇପାରେ । ସେଠାରେ ବିହାରର ଜଣେ ମାନସିକ ରୋଗୀ ଜନୈକ ସାମାଜିକ ପ୍ରତିଷ୍ଠାସମ୍ପନ୍ନ ବ୍ୟକ୍ତିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଯୋଗୁଁ ତାଙ୍କୁ ପିଟିପିଟି ମାରିଦିଆଗଲା । ସେହି ମାନସିକ ରୋଗୀକୁ ମାରିଦେଇଥିବା ବ୍ୟକ୍ତି ଜଣକଙ୍କର ବୁଝିବାର ଥିଲା ଯେ ସଂପୃକ୍ତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ବ୍ୟକ୍ତିଙ୍କର ମୃତ୍ୟୁଦଣ୍ଡ ନୁହେଁ, ଉପଯୁକ୍ତ ଡାକ୍ତରୀ ଚିକିତ୍ସା ଆବଶ୍ୟକ । କିନ୍ତୁ ସେପରି ହେବାର ଦୃଷ୍ଟାନ୍ତ କ୍ୱଚିତ୍ । ଏପରିକି ପାଗଳଖାନା ଗୁଡ଼ିକ ମଧ୍ୟ ଏଭଳି ରୋଗୀ ମାନଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇ ଦେବାରେ ହେଉଛନ୍ତି ଅକ୍ଷମ, କାରଣ ସେଠାରେ ମଧ୍ୟ ମାନବିକ ଅଧିକାର ଉଲ୍ଲଘଂନ ହେଉଥିବାର ଘଟଣାମାନ ନଜରକୁ ଆସୁଛି । ଏବେ ଆସନ୍ତୁ ବିଚାର କରିବା ଓଡ଼ିଶା କଥା । ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଯେତେବେଳେ ଅବହେଳିତ, ସେତେବେଳେ ମାନସିକ ସ୍ୱାସ୍ଥ୍ୟ କଥା ପଚାରେ କିଏ ? ଏଠାରେ ଆଜି ବି ଅଧିକାଂଶ ମାନସିକ ରୋଗୀଙ୍କୁ ଚିକିତ୍ସା କରାଯାଏ ପାରମ୍ପରିକ ପଦ୍ଧତିରେ ଯଥା ଗୁଣିଆ କିମ୍ବା ଗ୍ରାମା□ଳରେ ବାସ କରୁଥିବା କ୍ୱାକ୍‌ମାନଙ୍କ ଦ୍ୱାରା । ରାଜ୍ୟର ପ୍ରତ୍ୟେକଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତି କମ୍‌ରେ ଜଣେ ମନୋଚିକିତ୍ସାବିତ୍ ରହିବା କଥା । କିନ୍ତୁ ଏଯାବତ୍ ସରକାର ତାହା କରିବାରେ ସମର୍ଥ ହୋଇ ପାରି ନାହାନ୍ତି । ତେଣୁ ଏଠାକାର ମାନସିକ ରୋଗୀଙ୍କ ଅବସ୍ଥା କହିଲେ ନସରେ । ଭାରତରେ ପ୍ରତିବର୍ଷ ଦୁଇ ଲକ୍ଷ ଲୋକ ଆତ୍ମହତ୍ୟା କରନ୍ତି । ମାନସିକ ରୋଗର ଶିକାର ଲକ୍ଷ ଲକ୍ଷ ସଂଖ୍ୟକ ବ୍ୟକ୍ତି ସମାଜ ପାଇଁ ସେମାନଙ୍କର ବହୁମୂଲ୍ୟ ଅବଦାନ ପ୍ରଦାନ କରିବାରୁ ବଂଚିତ । ଦେଶ ଏ ବାବଦରେ ଯେତିକି ପରିମାଣର କ୍ଷତି ସହୁଛି, ତାହା ସଠିକ୍ ଭାବେ ଆକଳନ କରିବା ଏକ ଦୁରୂହ ବ୍ୟାପାର । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁ ଏଚ୍ ଓ ) ଅନୁଯାୟୀ ମାନସିକ ସ୍ୱାସ୍ଥ୍ୟର ସଂଜ୍ଞା ହେଉଛି - 'ଏକ ସୁସ୍ଥ ଅବସ୍ଥା, ଯେଉଁଥିରେ ମନୁଷ୍ୟ ଓ ତାର ନିଜର ଦକ୍ଷତା ସଂପର୍କରେ ସଚେତନ ଜୀବନର ଚାପ ସହିତ ମନୁଷ୍ୟ ଖାପଖୁଆଇ ଚଳିପାରେ, ଉତ୍ପାଦନକ୍ଷମ ଭାବରେ ତଥା ସଫଳ ଭାବରେ ନିଜର କାମ କରିପାରେ ଏବଂ ନିଜର ଗୋଷ୍ଠୀ ପ୍ରତି କୌଣସି ଅବଦାନ ଦେବାରେ ସକ୍ଷମ ହୋଇଥାଏ' । ତେଣୁ ସମୟ ଉପଗତ, ମାନସିକ ସ୍ୱାସ୍ଥ୍ୟ ନୀତି ଗୋଷ୍ଠୀ (ମେଂଟାଲ ହେଲ୍‌ଥ ପଲିସି ଗ୍ରୁପ୍) ଦେଶର ସମସ୍ତ ନାଗରିକମାନଙ୍କ ମାନସିକ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ଅନୁଭବ କରିବା ଉଚିତ୍ ଏବଂ ସମସ୍ତଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାର ବ୍ୟବସ୍ଥା ଯୋଗାଇଦେବା ପାଇଁ ଚେଷ୍ଟିତ ହେବା ଦରକାର ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ, କଟକ:୯୧୩୨୪୩୩୩୩୩*

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ

*ପ୍ରତିବର୍ଷ ଅକ୍ଟୋବର ମାସ ୧୦ ତାରିଖକୁ 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ' ଭାବେ ପାଳନ କରାଯାଏ । ଚଳିତ ବର୍ଷର ଆଭିମୁଖ୍ୟ ହେଉଛି 'ଯୁବାବସ୍ଥାରେ ମାନସିକ ସ୍ୱାସ୍ଥ୍ୟ ଓ ପରିବର୍ତ୍ତନଶୀଳ ଦୁନିଆ' । ଆଜିକାଲି ବାପା, ମାଆ ଓ ପିଲାମାନେ ଗୋଟିଏ ଛାତତଳେ ରହି ଭାବର ଆଦାନପ୍ରଦାନ କମ୍ କରୁଛନ୍ତି । କେତେକ ପିଲାମାନଙ୍କ ଉପରେ ଇ ରନେଟ୍ ଓ ସୋସିଆଲ ମିଡିଆର ପ୍ରଭାବ ଯୋଗୁ ମାନସିକ ସମସ୍ୟା ବଢ଼ି ବଢ଼ି ଯାଉଛି । ଯୁବାବସ୍ଥାରେ ବିଭିନ୍ନ ମାନସିକ ସମସ୍ୟାର ଲକ୍ଷଣ ହେଉଛି - ବ୍ୟବହାରରେ ପରିବର୍ତ୍ତନ, ମନଦୁଃଖ ରହିବା, ଭୟ କରିବା, ବିନା କାରଣରେ ସନ୍ଦେହ କରିବା, ଚିଡ଼ଚିଡ଼ା ହେବା, ରାଗିବା, ଏକଲା ରହିବା, ଆତ୍ମହତ୍ୟା କରିବାକୁ ଭାବିବା, ନିଶାସେବନ ଓ ଯୋଗ୍ୟତା ଥାଇ ପରୀକ୍ଷାରେ ଖରାପ କରିବା । ମାନସିକ ସମସ୍ୟାକୁ ଡର, ଭୟ ଓ ଲାଜ କରନ୍ତୁନାହିଁ । ଗ୍ରହ ନକ୍ଷତ୍ର ଓ ଭୂତପ୍ରେତର ପ୍ରଭାବ ଭାବି ମାନସିକ ରୋଗ ଚିକିତ୍ସକଙ୍କ ସାହାଯ୍ୟ ନେବାରେ ଡେରି କରନ୍ତୁ ନାହିଁ ।*




## ଆନ୍ତର୍ଜାତୀୟ ମାନସିକ ସ୍ୱାସ୍ଥ୍ୟ ଦିବସ

*ଆଜିକାଲି ବାପା, ମାଆ ଓ ପିଲାମାନେ ଗୋଟିଏ ଛାତ ତଳେ ରହି ଭାବର ଆଦାନପ୍ରଦାନ କମ୍ କରୁ ନାହାଁନ୍ତି କାରଣ ଏହା ପଛରେ ଅନ୍‌ଲାଇନ ପାଠପଢ଼ାର କାରଣ ରହିଛି । କେତେକ ପିଲା ମାନଙ୍କ ଉପରେ ଇଂଟରନେଟ୍ ଓ ସୋସିଆଲ ମିଡିଆର ପ୍ରଭାବ ଯୋଗୁ ମାନସିକ ସମସ୍ୟା ବଢ଼ି ବଢ଼ି ଯାଉଛି । ଯୁବାବସ୍ଥାରେ ବିଭିନ୍ନ ମାନସିକ ସମସ୍ୟାର ଲକ୍ଷଣ ହେଉଛି - ବ୍ୟବହାରରେ ପରିବର୍ତ୍ତନ, ମନଦୁଃଖ ରହିବା, ଭୟ କରିବା, ବିନା କାରଣରେ ସନ୍ଦେହ କରିବା, ଚିଡ଼ଚିଡ଼ା ହେବା, ରାଗିବା, ଏକଲା ରହିବା, ଆତ୍ମହତ୍ୟା କରିବାକୁ ଭାବିବା, ନିଶାସେବନ ଓ ଯୋଗ୍ୟତା ଥାଇ ପରୀକ୍ଷାରେ ଖରାପ କରିବା । ମାନସିକ ସମସ୍ୟାକୁ ଡର, ଭୟ ଓ ଲାଜ କରନ୍ତୁନାହିଁ । ଗ୍ରହ ନକ୍ଷତ୍ର ଓ ଭୂତପ୍ରେତର ପ୍ରଭାବ ଭାବି ମାନସିକ ରୋଗ ଚିକିତ୍ସକଙ୍କ ସାହାଯ୍ୟ ନେବାରେ ଡେରି କରନ୍ତୁ ନାହିଁ ।*

# 'ମାନସିକ ସ୍ୱାସ୍ଥ୍ୟ ହେଉଛି ସାର୍ବଜନୀନ ମାନବ ଅଧିକାର'

ଆନ୍ତର୍ଜାତୀୟ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହେଉଛି । ଏହା ଅକ୍ଟୋବର ୧୦ ତାରିଖରେ ପାଳିତ ହୋଇଥାଏ । ଚଳିତବର୍ଷର ସ୍ଲୋଗାନ ବା ବାର୍ତ୍ତା ରହିଛି 'ମେଂଟାଲ ହେଲଥ୍ ଇଜ ଏ ୟୁନିଭର୍ସିଆଲ ହ୍ୟୁମାନ ରାଇଟ' - (ମାନସିକ ସ୍ୱାସ୍ଥ୍ୟ ହେଉଛି ସାର୍ବଜନୀନ ମାନବ ଅଧିକାର) । ୧୯୯୨ରେ ପ୍ରଥମର ଥର ପାଇଁ ୱାର୍ଲ୍ଡ ଫେଡେରେସନ ଫର ମେଂଟାଲ ହେଲଥ ଏହାକୁ ପାଳନ କରିଥିଲା । ବିଶ୍ୱବ୍ୟାପୀ ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସରକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ବିଶ୍ୱର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରରେ ବହୁ ସୂଚନାଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । ଏକ ଆକଳନ ଅନୁସାରେ ବିଶ୍ୱ ଜନ ସମୁଦାୟର ୧୨ ପ୍ରତିଶତ ବା ୪୫୦ ମିଲିୟନ ଲୋକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସହ ଜଡ଼ିତ । ମାନସିକ ଅବସାଦର ପ୍ରାୟ ୧୫୪ ମିଲିୟନ ଜନତା ଆକ୍ରାନ୍ତ ଯାହା ଏହି ରୋଗର ଏକ ଅବସ୍ଥା । ୨୦୦୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉପରୋକ୍ତ ତଥ୍ୟ ଦର୍ଶାଇଥିଲେ । 'ହୁ'ର ସହାୟତାରେ ମିଳିତ ଜାତିସଂଘ ଏହାର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଭୂମିକା ନିଭାଇଆସୁଛି । ମାନସିକ ରୋଗ ଏକ ଜଟିଳ ରୋଗ । ଏହି ରୋଗକୁ ଆରମ୍ଭରୁ କେହି ଜାଣି ପାରନ୍ତି । ଏହା ଭୂତ ପ୍ରେତଙ୍କ ପ୍ରଭାବ ବା ତନ୍ତ୍ର ର ପ୍ରଭାବ ବୋଲି ମନୁଷ୍ୟର ଧାରଣା ହୋଇଥାଏ । କେତେକ କ୍ଷେତ୍ରରେ ଏହା ପୂର୍ବଜନ୍ମର ଅଭିଶାପ ବା ଦୈବଦଣ୍ଡ ଭାବରେ କେହି କେହି ଭାବିଥାନ୍ତି ।




କେତେକ ବ୍ୟକ୍ତିଙ୍କର ବ୍ୟବହାରର ପରିବର୍ତ୍ତନ ଦେଖି ଲୋକମାନେ ଏହାକୁ ବିଶ୍ୱାସ କରିଥାନ୍ତି । ତେଣୁ ଅନେକ ଲୋକ ଦେବଦେବୀଙ୍କୁ ପୂଜା କରିବା ସହ ବଳୀ ଦେବା ଓ ଝଡ଼ାଫୁଙ୍କା ବି କରିଥାନ୍ତି । ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ । ସବୁଠାରୁ ବଡ଼ କଥା ହେଉଛି ଏହି ମାନସିକ ଅବସାଦ ବା ବିଷାଦର ପ୍ରାଥମିକ ସମୟରେ ସେମାନଙ୍କ ନିଜ ଲୋକମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ଓ ଚିକିତ୍ସା ଆରମ୍ଭ କଲେ ଏହା ଅଧିକାଂଶ କ୍ଷେତ୍ରରେ ରୋଗୀଟି ପାଇଁ ଜୀବନ ଆରୋଗ୍ୟକାରୀ ହୋଇ ତାହାକୁ ରୋଗମୁକ୍ତ କରିପାରିଥାଏ । ସୁସ୍ଥ ଶରୀର ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ଶାରୀରିକ ପରିଶ୍ରମ ଦରକାର ଠିକ୍ ସେହିପରି ସୁସ୍ଥ ମାନସିକ ଅବସ୍ଥା ପାଇଁ ଉପଯୁକ୍ତ ପରିବେଶ, ପରିସ୍ଥିତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପାଇଁ ଆବଶ୍ୟକ ହୋଇଥାଏ । ଯଦିଓ ମନୁଷ୍ୟର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟିବା, କ୍ରମାଗତ ଭାବେ ଅନିଦ୍ରା ରହିବା, ବିନା କାରଣରେ ଭୟଭୀତ ହେବା, କଥାବାର୍ତ୍ତା ଅସଲଗ୍ନ ହେବା, ନିଜର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ନପାରିବା, ଶୂନ୍ୟରୁ କେହି କହିଲା ପରି ନିଜକୁ ଶୁଭାଯିବା, କୌଣସି କାରଣ ନଥାଇ ରାଗିବାକୁ ପ୍ରାଥମିକ ସ୍ତରରେ ମାନସିକ ରୋଗର ସାଧାରଣ ଲକ୍ଷଣ ଭାବେ ବିଚାର କରାଯାଇଥାଏ । ମାନସିକ ରୋଗ ପାଇଁ ସେପରି କୌଣସି ନିର୍ଦ୍ଧିଷ୍ଟ କାରଣ ନଥାଏ ଅନେକ ସମୟରେ ବ୍ୟକ୍ତି ନିଜର ସମାଜ, ପରିସ୍ଥିତି, ପରିବେଶ ସହିତ ଖାପଖୁଆଇ ଚଳି ନପାରିଲେ ମାନସିକ ଭାରସମ୍ୟ ହରାଇଥାଏ ଯାହାଦ୍ୱାରା ମାନସିକ ସ୍ଥିରତାରେ ଆଘାତ ଘଟିଥାଏ । ଫଳରେ ତା ଠାରେ ଏହି ରୋଗର କେତେକ ଲକ୍ଷଣ ପ୍ରକାଶ ପାଇଥାଏ । କେତେକ ସ୍ଥଳରେ ଦେଖାଯାଇଥାଏ ଯେ ମସ୍ତିଷ୍କରେ ଥିବା ଜୈବ ପଦାର୍ଥ ଯାହା କି ଡୋପାମିନ୍, ସିରୋଟୋନିନ୍‌ର ଅସନ୍ତୁଳତା ହେତୁ ମାନସିକ ରୋଗ ଦେଖା ଦେଇଥାଏ । ମାନସିକ ରୋଗ ଅନେକ ସମୟରେ ବଂଶାନୁକ୍ରମିକ ହୋଇଥାଏ । ନିଜର ରକ୍ତସମ୍ପର୍କୀୟ ପରିବାର ମଧ୍ୟରେ କୌଣସି ଲୋକଙ୍କୁ ଏ ରୋଗ ହୋଇଥିଲେ ଏହା ହେବାର ସମ୍ଭାବନା ଅଧିକ ଥାଏ । ମାନସିକ ରୋଗୀଟିକୁ ଔଷଧ ଦ୍ୱାରା, ମନସ୍ତାତ୍ୱିକ ଚିକିତ୍ସା ଦ୍ୱାରା, ବିଦ୍ୟୁତ୍ ଚିକିତ୍ସା ଦ୍ୱାରା ଚିକିତ୍ସା କରାଯାଏ । ତେବେ ନିୟମିତ ଔଷଧ ନଖାଇଲେ ରୋଗଟି ସମ୍ପୂର୍ଣ୍ଣ ଭଲ ହୋଇନଥାଏ । ସେହିପରି ଏହି ଔଷଧ ଖାଇବା ସମୟରେ ଅନ୍ୟାନ୍ୟ ଶାରୀରିକ ରୋଗ ପାଇଁ ମଧ୍ୟ ରୋଗୀଟି ଔଷଧ ଖାଇ ପାରିବ । ଆଉ ଗୋଟିଏ କଥା ହେଉଛି ତାହା ହେଉଛି ମାନସିକ ରୋଗରେ କେତେକ କ୍ଷେତ୍ରରେ ବିବାହ କରିବା ଉଚିତ୍ ନୁହେଁ ତେବେ ସ୍ଥଳବିଶେଷରେ ଉଭୟ କନ୍ୟା ଓ ବରପକ୍ଷଙ୍କ ଦ୍ୱାରା ଜାଣନ୍ତରେ ଚିକିତ୍ସଙ୍କ ସହିତ ପରାମର୍ଶ କରି ବିବାହ କରାଯିବା ଉଚିତ । ମାନସିକ ରୋଗୀଟିକୁ ନିୟମିତ ଔଷଧ ଦେବା ସହ ଶାରୀରିକ ପରିଶ୍ରମ କରାଇବା ଜରୁରୀ । ସବୁଠାରୁ ବଡ଼ କଥା ହେଉଛି ମାନସିକ ରୋଗୀମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟ ବ୍ୟବହାର ଠାରୁ ଦୂରେଇବା ଉଚିତ । ମାନସିକ ରୋଗୀ ନିଜେ ବା ତା ପରିବାରର ଅତି ସମ୍ପର୍କୀୟ ବ୍ୟକ୍ତି ଚିକିତ୍ସା ସମୟରେ ରୋଗୀର ସମସ୍ତ ଗୋପନୀୟ ଘଟଣା ଚିକିତ୍ସକଙ୍କୁ ଜଣାଇବା ଉଚିତ କାରଣ ଚିକିତ୍ସକ ଏହାକୁ ଗୋପନୀୟ ରଖି ରୋଗୀର ଚିକିତ୍ସା କରାଇଥାନ୍ତି । ମାନସିକ ରୋଗୀ ପ୍ରତି ସମସ୍ତଙ୍କର ସହାନୁଭୂତି, ସ୍ନେହ ଓ ଶ୍ରଦ୍ଧା ତଥା ଭଲ ପାଇବାର ଆବଶ୍ୟକତା ହେଉଛି ସବୁଠାରୁ ବଡ଼ ଚିକିତ୍ସା । ସମାଜରେ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗର ହାତ ବଢ଼ିଲେ ଆମ ସମାଜରେ ଏହି ପରି ମାନସିକ ବିଷାଦରେ ଭାରାକ୍ରାନ୍ତ ହୋଇଥିବା ଲୋକଟିର ମୁହଁରୁ ଟେନାଏ ହସ ଫୁଟିପାରିବ ଏହା ହିଁ ହେବ ଶ୍ରେଷ୍ଠ ମାନବିକତାର ଧର୍ମ ।

✹✹✹

# ସ୍ମୃତିର ଆଇନାରେ ସିଂହଭୂମର ଗୋପବନ୍ଧୁ

◆ ବାଦଲ ଭୂୟାଁ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ । ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା । ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର । ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ । ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ । ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ ।' ପଣ୍ଡିତଙ୍କ କଥା ସତ ହେଲା । ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା । ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ । ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ । ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା । ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ପାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ । ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି । ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ । ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ । ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ । ୧୯୦୬ ମସିହାରେ ଗୋପବନ୍ଧୁ କଟକରେ ଓକିଲାତି ଆରମ୍ଭ କଲେ । ସେଇବର୍ଷ କେନ୍ଦ୍ରାପଡ଼ା ଓ ଯାଜପୁର ଅଂଚଳରେ ଭୟାବହ ବଢ଼ି ସେ ଅଂଚଳର ଅଧିକାଂଶ ଇଲାକାକୁ ବଢ଼ାଇ ରଖିଥିଲା । ଲୋକେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେତେବେଳର ରେଭେନ୍‌ସା ମହାବିଦ୍ୟାଳୟ ବର୍ତ୍ତମାନର ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ମାନଙ୍କୁ ଧରି ଚୁଡ଼ା, ଚାଉଳ, ଗୁଡ଼ ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବନ୍ୟା ପ୍ଲାବିତ ଅଂଚଳର ଲୋକମାନଙ୍କୁ ବଂଟନ କରିଥିଲେ । ବନ୍ୟା ସମୟର ସ୍ଥାୟୀ ପ୍ରତିକାର ପାଇଁ 'ସେଂଟ୍ରାଲ ୟଙ୍ଗ ଉତ୍କଳ ଆସୋସିଏସନ୍' ନାମକ ସଂସ୍ଥା ଗଢ଼ିଥିଲେ । ତା'ଛଡ଼ା ସେ ସମୟର ବିଖ୍ୟାତ ଖବର କାଗଜ ମାନଙ୍କରେ ନିଜର ବକ୍ତବ୍ୟ ଦେଇ ସେ ସମୟର ନେତୃମଣ୍ଡଳୀଙ୍କୁ ବନ୍ୟା ବିଭୀଷିକାର ଟିକିନିଖି ଖବର ଜଣାଇ ପାରିଥିଲେ । ୧୯୧୨ରେ ବିହାର ଓଡ଼ିଶା ଗଠନ ହେବା ପରେ ଓଡ଼ିଆ ଭାଷାକୁ ଯେତେବେଳେ ଉଠାଇ ଦିଆଗଲା ସେତେବେଳେ ଷଢ଼େଇକଳା, ଖରସୁଆଁ, ବହଳାଗୋଡ଼ା, ଚାଇଁବସା, ଚକ୍ରଧରପୁର, ସୋନୁଆ, ଇଛା, ହାଟଗହ୍ଲାରିଆ, ଜୟନ୍ତଗଡ଼ ଛଡ଼ା ଅନ୍ୟାନ୍ୟ ଅଂଚଳ ଓ ସିଂହଭୂମିର ବିଶିଷ୍ଟ ବ୍ୟକ୍ତିବିଶେଷ ଏହାକୁ ବିରୋଧ କଲେ । ଏସବୁ ପଛରେ ଗୋପବନ୍ଧୁଙ୍କର ସମର୍ଥନ ଥିଲା । ଗୋପବନ୍ଧୁଙ୍କ ସ୍ମରଣ କରି ସିଂହଭୂମର ବିଶିଷ୍ଟ ଓଡ଼ିଆ ନେତା ତାରାପଦ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ କହିଥିଲେ, କେତେ କଷ୍ଟ ସ୍ୱୀକାର କରି ଦାସ ଆପଣେ ଅନ୍ୟାନ୍ୟ ଅଂଚଳ ସହ ଆମ ବହଳାଗୋଡ଼ା ଥାନା ଅଂଚଳର ବହଳାଗୋଡ଼ା, ଖଣ୍ଡାମଉଦା, ପଂଚଚୁଲିଆ, ଖମାର, ଅତଙ୍ଗ ପ୍ରଭୃତି ଗ୍ରାମ ପରିଦର୍ଶନ କରିଥିଲେ । ତାଙ୍କ ସାଙ୍ଗରେ ବୁଲିବାର ସୌଭାଗ୍ୟ ଏ ହତଭାଗ୍ୟର ହୋଇଥିଲା । ସେତେବେଳେ ବହଳାଗୋଡ଼ା ଅଂଚଳରେ ୧୬ଟି ଓଡ଼ିଆ ପ୍ରାଇମେରୀ ସ୍କୁଲ ଚଳୁଥିଲା । ପଂଚଚୁଲିଆ ଓଡ଼ିଆ ସ୍କୁଲରେ ଈଶ୍ୱର ହୋତାଙ୍କୁ ପଣ୍ଡିତ ଓ ବିଦ୍ୟାସାଗର ଉପାଧି ଦେଇ ଗୋପବନ୍ଧୁ ଅବସ୍ଥାପିତ କରିଥିଲେ । ଉପରୋକ୍ତ ବକ୍ତବ୍ୟରୁ ସ୍ପଷ୍ଟ ଅନୁମେୟ ଯେ ୧୯୧୭ ବେଳକୁ ସିଂହଭୂମିର କୋଣ ଅନୁକୋଣରେ ଥିବା ଓଡ଼ିଆ ବହୁଳ ଅଂଚଳ ବା ଗାଁ ମାନଙ୍କରେ ଓଡ଼ିଆ ବିଦ୍ୟାଳୟମାନ ପ୍ରତିଷ୍ଠା ହୋଇ ସାରିଥିଲା । ୧୯୧୮ରୁ ୧୯୨୦ ଏଇ ତିନିବର୍ଷର ସମୟର ପରିଧିରେ ଗୋପବନ୍ଧୁଙ୍କର ଅନେକ କାର୍ଯ୍ୟାବଳୀର ଦଲିଲ୍ ଦୃଷ୍ଟିକୁ ଆସେ । ଇୟୁରୋପରେ ବିଶ୍ୱଯୁଦ୍ଧ ଲାଗିଥିବା ବେଳେ ଗୋପବନ୍ଧୁ ସିଂହଭୂମିରେ 'ପଇସିକିଆ ଫଣ୍ଡ' ଆରମ୍ଭ କରିଥିଲେ । ଏଇ ପଇଶକିଆ ଫଣ୍ଡର ଆରମ୍ଭ ହୋଇଥିଲା ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଓଡ଼ିଆ ସ୍କୁଲ ମାନଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବାକୁ । ୧୭-୧୧-୧୯୨୭ ତାରିଖ 'ସମାଜ'ରେ ଗୋପବନ୍ଧୁ ଲେଖିଥିଲେ ଅର୍ଥ ଅଭାବରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ ଗଢ଼ା ଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଭାଙ୍ଗିଗଲାଣି । ମୁଁ ଏ ଖବର ଶୁଣି ମର୍ମାହତ ହୋଇପଡ଼ିଛି । ହିନ୍ଦୀ ଓ ବଙ୍ଗଭାଷୀଙ୍କ ଚକ୍ରାନ୍ତ ଯୋଗୁଁ ସେ ସମୟରେ ଓଡ଼ିଆ ଶିକ୍ଷା କିପରି ନ ପଢ଼ାଯିବ ତାର ବ୍ୟବସ୍ଥା କରୁଥିଲା ବେଳେ ସେତେବେଳର ଜିଲ୍ଲା ସ୍କୁଲର ଚେୟାରମ୍ୟାନ ମିଷ୍ଟର ଗ୍ୟାରେଟ୍‌ଙ୍କୁ ଚିଠି ଲେଖି ଏଠିକାର ଓଡ଼ିଆ ମାନଙ୍କୁ ଓଡ଼ିଆରେ ଶିକ୍ଷା ଦେବାକୁ ଦାବି କରିଥିଲେ ତାହାକୁ ଗ୍ରହଣ କରି ଗ୍ୟାରେଟ୍ ଓଡ଼ିଆରେ ଶିକ୍ଷା ଦେବାର ବ୍ୟବସ୍ଥା କରିଥିଲେ । ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ମହାଳୟା






## ପିତୃପକ୍ଷ ପିଣ୍ଡଦାନ, ତ୍ରି-ଗୟା

◆ ଶୁଭସ୍ମିତା ସାମଲ

ପିତୃପକ୍ଷ, ପିତୃ ଉପାସନାର ପ୍ରକୃଷ୍ଟ ସମୟ । ଭାରତୀୟ ପୁରାଣ ଶାସ୍ତ୍ର ଅନୁସାରେ ଯମରାଜ ପୂର୍ବ ପୁରୁଷ ମାନଙ୍କୁ ଏହି ୧୫ ଦିନ ପାଇଁ ମୁକ୍ତ କରନ୍ତି । ଯାହାଫଳରେ ପିତୃପୁରୁଷ ମାନେ ପରିବାରରୁ ଶ୍ରଦ୍ଧାନୁଯାୟୀ ଖାଦ୍ୟ ଏବଂ ଜଳ ଗ୍ରହଣ କରି ସନ୍ତୁଷ୍ଟ ହୁଅନ୍ତି । ଏହି ଅବସରରେ ପିତୃପକ୍ଷରେ ଯେକୌଣସି ଦିନ ନିଜର ସାଧମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆ ଯାଏ । ପିତୃପକ୍ଷରେ ପଂଚବଳି କର୍ମ କରାଯାଏ । ପୌରାଣିକ କଥାନୁସାରେ କର୍ଣ୍ଣ ମହାଦାନୀ ଥିଲେ । ଏଥିପାଇଁ ତାଙ୍କୁ ଯମପୁରରେ ଅନେକ ଉପହାର ଦିଆଯାଇଥିଲା । ହେଲେ କର୍ଣ୍ଣଙ୍କୁ ଖାଦ୍ୟ ଦିଆଯାଇନଥିଲା । କାରଣ ଜୀବିତାବସ୍ଥାରେ କର୍ଣ୍ଣ କେବେ ବି ଅନ୍ନ ଦାନ କରି ନଥିଲେ । ତେଣୁ ସେ ଯମରାଜଙ୍କୁ ପ୍ରାର୍ଥନା କରି ମର୍ତ୍ତ୍ୟକୁ ଆସି ବ୍ରାହ୍ମଣ ଓ ଗରିବ ମାନଙ୍କୁ ଅନ୍ନଦାନ କରିଥିଲେ । ଯେଉଁ ସମୟରେ ସେ ଅନ୍ନଦାନ କରିଥିଲେ, ତାହା ଥିଲା ପିତୃପକ୍ଷ । ଗରୁଡ଼ ପୁରାଣ ଅନୁସାରେ, ଯେଉଁ ପୂର୍ବଜମାନେ ପୃଥିବୀରୁ ପରଲୋକ ଗମନ କରିଯାଇଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ସନ୍ତାନସନ୍ତତି ପିତୃପକ୍ଷର ପ୍ରତ୍ୟେକ ଦିନ ଜଳ, ତିଳ ଓ ପୁଷ୍ପ ତର୍ପଣ କରିବା ଆବଶ୍ୟକ । ପିତରଙ୍କୁ ଜଳାର୍ପଣର ବିଧିକୁ ତର୍ପଣ କୁହାଯାଏ । ଏପରି କରିବା ଦ୍ୱାରା ପିତର ଜଳଗ୍ରହଣ କରି ତୃପ୍ତ ହୋଇଥାନ୍ତି । ତେବେ ପିଣ୍ଡଦାନ କରିବା



ପାଇଁ ତ୍ରି-ଗୟାକୁ ସର୍ବୋତମ କୁହାଯାଏ । ତ୍ରିଗୟା ହେଉଛି ସେହି ସ୍ଥାନ, ଯେଉଁଠାରେ ଗୟାସୁର ନାମକ ରାକ୍ଷସର ତିନିଗୋଟି ଅବୟବ ଯଥା ଶିର, ନାଭି ଓ ପାଦ ପଡ଼ିଥିଲା । ହିନ୍ଦୁଧର୍ମରେ ପ୍ରତ୍ୟେକ ମାସର ମହତ୍ୱ ରହିଛି । ଏହି କ୍ରମରେ ଆଶ୍ୱିନ ମାସ ବହୁ ଗୁରୁତ୍ୱ ବହନ କରେ । ବିଭିନ୍ନ ମାସର ଅଧିପତି ଭାବରେ ଭଗବାନ ବିଷ୍ଣୁଙ୍କର ଭିନ୍ନ ଭିନ୍ନ ନାମ ରହିଛି । ସେହି ଅନୁସାରେ, ଆଶ୍ୱିନ ମାସର ଅଧିପତି ହେଉଛନ୍ତି ପଦ୍ମନାଭ । ଏହି ମାସରେ ପୂଜାପାଠ, ଦାନଧର୍ମ ଆଦି କଲେ ଅକ୍ଷୟ ପୁଣ୍ୟ ପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ । ମାସ ପ୍ରାରମ୍ଭରୁ ପିତୃପକ୍ଷରୁ ଆରମ୍ଭ ହୋଇଥାଏ । ଏହି ପକ୍ଷରେ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଓ ତର୍ପଣ ଦିଆଯାଏ । ବିଶ୍ୱାସ ରହିଛି ଯେ ଏହି ସମୟରେ ଶ୍ରାଦ୍ଧ ଦେଲେ ପିତୃପୁରୁଷଙ୍କୁ ମୋକ୍ଷ ମିଳିଥାଏ ଏବଂ ସେମାନେ ଆଶୀର୍ବାଦ ପ୍ରଦାନ କରନ୍ତି । ପିତୃଋଣ ପରିଶୋଧ କରିବା ଦୃଷ୍ଟିରୁ ଆଶ୍ୱିନ ମାସଟି ଗୁରୁତ୍ୱପୂର୍ଣ୍ଣ । ଏହି ମାସରେ ସାମର୍ଥ୍ୟ ଅନୁସାରେ ରାଶି ଓ ଘୃତ ଦାନ କଲେ ପୁଣ୍ୟ ମିଳିଥାଏ । ବିଶ୍ୱାସ ରହିଛି ଯେ, ଏହି ମାସରେ ଯଦି କୌଣସି ଦାନ କରାଯାଏ ତେବେ ଏହାର ଦ୍ୱିଗୁଣ ଫଳ ମିଳିଥାଏ । ଆଶ୍ୱିନ ଶୁକ୍ଳ ପ୍ରତିପଦା ତିଥିରେ କୁଆଁରୀ କନ୍ୟାମାନଙ୍କୁ ଧନ, ବସ୍ତ୍ର, ଭୋଜନ ଆଦି ଦାନ କଲେ ମନୋକାମନା ପୂର୍ଣ୍ଣ ହୋଇଥାଏ । ଏହି ମାସରେ କୌଣସି ମାଙ୍ଗଳିକ କାର୍ଯ୍ୟ ବିବାହ, ବ୍ରତ, ଗୃହ ପ୍ରବେଶ ଆଦି କାର୍ଯ୍ୟ କରିବା ଅଶୁଭ ବୋଲି କୁହାଯାଏ । ମାଂସାହାର ଓ ମଦ୍ୟପାନ ଏହି ମାସରେ କରିବା ଅନୁଚିତ । ସମସ୍ତ ପ୍ରକାର ବିକାର ତ୍ୟାଗ କରି ଈଶ୍ୱରଙ୍କ ଠାରେ ଆସ୍ଥା ରଖିଲେ ମୋକ୍ଷ ମିଳିଥାଏ ।

*ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ: ୯୬୫୮୨୦୨୨୫୩*

## ମହାଳୟା ଓ ଶ୍ରାଦ୍ଧ

◆ ଶରତ କୁମାର ସାହୁ

ଆଶ୍ୱିନ୍ ମାସର ଅମାବାସ୍ୟା ହେଉଛି ମହାଳୟା ଅମାବାସ୍ୟା । ଏହି ସମୟରେ ସୂର୍ଯ୍ୟ କନ୍ୟା ରାଶିରେ ଅବସ୍ଥାନ କରିଥାନ୍ତି । ମହାଳୟା ଅମାବାସ୍ୟାସେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମହାଳୟା ଶ୍ରାଦ୍ଧ କରାଯାଏ । ହିନ୍ଦୁ ସମାଜରେ ନିତ୍ୟ, ନୈମିତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ ଶ୍ରାଦ୍ଧ ନାମରେ ଯେଉଁ ପଂଚବିଧି ଶ୍ରାଦ୍ଧର ପ୍ରଚଳନ ଅଛି ତନ୍ମଧ୍ୟରେ ମହାଳୟା ଶ୍ରାଦ୍ଧର ଆଦର ଅଧିକ । ଆଶ୍ୱିନ ମାସର କୃଷ୍ଣ ପ୍ରତିପଦ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ କହନ୍ତି ପିତୃପକ୍ଷ । ଏହି ପିତୃପକ୍ଷରେ ତୀର୍ଥକ୍ଷେତ୍ର, ପୁଣ୍ୟତୋୟା ନଦୀ କିନ୍ତୁ ପୁଷ୍କରିଣୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଏ । ଦିବଂଗତ ଗୁରୁ, ସମ୍ପର୍କୀୟ, ପରିଚିତ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏହି ତର୍ପଣ କରାଯାଏ । ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ ପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ । ଏହି ପନ୍ଦର ଦିନ ପିତୃପର୍ବ ପାଇଁ ଉଦ୍ଦିଷ୍ଟ । ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯେଉଁ ପୂଜା ଅର୍ଚ୍ଚନା କରାଯାଏ ତାହା ହେଉଛି ଦେବ ପର୍ବ । ଶ୍ରାଦ୍ଧ ହିଁ ପିତୃପର୍ବ । ଶ୍ରଦ୍ଧାରେ ଯେଉଁ ଅନ୍ନାଦି ଭୋଜ୍ୟ ଦ୍ରବ୍ୟ ପ୍ରଦାନ କରାଯାଏ ତାହା ଶ୍ରାଦ୍ଧ । ଭୂଲୋକରେ ଆତ୍ମୀୟ ବା ସମ୍ପର୍କୀୟଙ୍କ ପ୍ରଦତ୍ତ ଭୋଜ୍ୟ ପିତୃଲୋକରେ ପିତୃଗଣଙ୍କ ଗ୍ରହଣୀୟ ଦ୍ରବ୍ୟରେ ପରିବର୍ତ୍ତିତ ହୋଇଯାଏ ବୋଲି ବିଶ୍ୱାସ ରହିଛି । ମହାଳୟା ଶ୍ରାଦ୍ଧରେ ସ୍ୱୟଂ ବିଷ୍ଣୁ ବୈଶ୍ୱଦେବ ରୂପେ ଶ୍ରାଦ୍ଧସ୍ଥଳରେ ଉପସ୍ଥିତ ରହନ୍ତି । ମହାଳୟା ଦିନ ଗୟାକ୍ଷେତ୍ରରେ ପିଣ୍ଡଦାନ କଲେ ପିତୃଲୋକ ପରିତୃପ୍ତ ହୁଅନ୍ତି । ତେବେ ଭୁବନେଶ୍ୱର ଓ ବିରଜା କ୍ଷେତ୍ର ଯାଜପୁରରେ ମଧ୍ୟ ମହାଳୟା ଶ୍ରାଦ୍ଧ ଦାନ ପୁଣ୍ୟଦାୟକ । ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ । ଏମିତି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ । ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ୱପୂର୍ଣ୍ଣ । ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ । ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ । ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ । ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି । ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ । ତେଣୁ ଏହାକୁ ପିତୃତୀର୍ଥ



ମଧ୍ୟ କୁହାଯାଏ । ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲ୍‌ଗୁ ନଦୀର ତଟରେ ପିଣ୍ଡ ଦାନ ନକଲେ ଏହା ଅସଂପୂର୍ଣ୍ଣ ରହିଯାଏ । କିମ୍ବଦନ୍ତୀ ଅନୁଯାୟୀ ଭଷ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତାର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ । ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା । ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରକୁ ଦର୍ଶନ କରି ପାପମୁକ୍ତ ହେଲେ । ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ । ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା । ଯଜ୍ଞଭୂମି ଭାବରେ ବ୍ୟବହୃତ ହେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତାର ଶରୀର ପାଂଚ କୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା । ପରବର୍ତ୍ତୀ ସମୟରେ ଏହି ପାଂଚ କୋଶ ସ୍ଥାନକୁ କୁହାଗଲା ଗୟା । ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଛା ଲୋପ ପାଇଲା ନାହିଁ । ସେ ଦେବତାମାନଙ୍କୁ ବର ମାଗିଲା । ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ । ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ ତାଙ୍କୁ ମୁକ୍ତି ମିଳିବ । ଏହି କାରଣରୁ ଆଜିବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରିନ୍ତି । ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି । ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କ ଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା - ବାପା- ମା, ଜେଜେବାପା - ଜେଜେମା, ଅଜା-ଆଇଙ୍କ ସମେତ ସବୁ ପୂର୍ବଜ ସାମିଲ । ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ । ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷତ୍ୱ ମହତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି । ଗରୁଡ଼ ପୁରାଣରେ କୁହାଯାଇଛି ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଂଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ସିଡ଼ି ସଦୃଶ । ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନିପିଢ଼ି ପିତୃଲୋକରେ ରୁହନ୍ତି । ଏହା ପୃଥ୍ୱୀଲୋକ ଓ ଦେବଲୋକ ମଧ୍ୟରେ ଅଛି । ଏହି ଲୋକର ଅଧିଶ୍ୱର ମୃତ୍ୟୁଦେବତା ଯମ । ତୃତୀୟ ପିଢ଼ି ପରେ ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଂଚିଲେ ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି । ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି । ତେଣୁ ପିତୃଲୋକରେ ଥିବା ଆମ ପୂର୍ବଜଙ୍କ ତିନିପିଢ଼ି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁପୁରାଣ ଅନୁଯାୟୀ ଆଶ୍ୱିନ ମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟା ରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି । ସୂର୍ଯ୍ୟ ବିଛା ରାଶିକୁ ଆସିଲେ ସେମାନେ ପୁଣି ପିତୃଲୋକକୁ ଫେରନ୍ତି । କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା । ଖାଦ୍ୟ ନପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ । ଯମ କହିଲେ - ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି । କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରିନାହାନ୍ତି । କର୍ଣ୍ଣ କହିଲେ - ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି । ଏହାପରେ ଯମ ତାଙ୍କୁ ପୃଥ୍ୱୀଲୋକକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ କହିଲେ । ଏ ସମୟ ଥିଲା ପିତୃପକ୍ଷ । ଦେବୀ ଆରାଧନା ଦୃଷ୍ଟିରୁ ମହାଳୟା ଏକ ପବିତ୍ର ଦିବସ । ଦେବୀଙ୍କର ଷୋଳପୂଜାର ମଧ୍ୟ ଭାଗରେ ମହାଳୟା ପଡୁଥିବାରୁ ଏହା ଦେବୀଙ୍କର ପ୍ରିୟତମ ଦିବସ । ତେଣୁ ମହାଳୟା ଅମାବାସ୍ୟାର ଦିନଟି ପିଣ୍ଡଦାନ ଲାଗି ଉତ୍କୃଷ୍ଟ ଏବଂ ରାତ୍ରିଟି ସାଧନାରେ ସିଦ୍ଧି ଲାଭ ପାଇଁ ଅତ୍ୟନ୍ତ ଶୁଭ । ଦେବୀଙ୍କର ପ୍ରଥମ ଅଷ୍ଟକଳାର ଶେଷ ଦିନ ହୋଇଥିବାରୁ ସାଧକମାନେ ବିଶେଷ ସିଦ୍ଧିଲାଭ ପାଇଁ ମହାଳୟାର ମହାନିଶାରେ ସାଧନାରତ ରହନ୍ତି । ଓଡ଼ିଆ ଆଧ୍ୟାତ୍ମିକମ ଚେତନା ଓ ହିନ୍ଦୁ ବିଧାନ ଅନୁଯାୟୀ ମହାଳୟା ଏକ ସ୍ୱତନ୍ତ୍ର ଓ ସ୍ମରଣୀୟ ଦିବସ ।

*ଉପକରଣ ହାଉସ, ଚଣ୍ଡୀଖୋଲ, ଯାଜପୁର: ୯୪୩୭୦୫୧୫୪୩*

## ମହାଳୟା ଶ୍ରାଦ୍ଧ ଓ ଦେବୀ ପୂଜା

◆ ଗିରିଧାରୀ ସାମଲ

ଶାସ୍ତ୍ର ଅନୁସାରେ ପ୍ରତ୍ୟେକ ଅମାବାସ୍ୟା ପିତୃଲୋକଙ୍କ ପାଇଁ ପୁଣ୍ୟ ତିଥି ହୋଇଥାଏ । କିନ୍ତୁ ଆଶ୍ୱିନ ମାସ ଅମାବାସ୍ୟା ଦିନ ପିତୃଲୋକଙ୍କୁ ଶ୍ରାଦ୍ଧ ଦେବା ବହୁତ ଫଳଦାୟକ ହୋଇଥାଏ । ସେଥିପାଇଁ ଏହି ଅମାବାସ୍ୟାକୁ ପିତୃ ବିସର୍ଜନୀ ଅମାବାସ୍ୟା ବା ପିତୃ ଅମାବାସ୍ୟା କୁହାଯାଏ । ମହାଳୟା ଶ୍ରାଦ୍ଧ ହେଉଛି ପିତୃପକ୍ଷର ଅନ୍ତିମ ଦିନ ହୋଇଥାଏ । ଅର୍ଥାତ୍ ଆଶ୍ୱିନ ଅମାବାସ୍ୟାରେ ଏହି ଶ୍ରାଦ୍ଧ ବିଧି ତର୍ପଣ ଆଦି କରାଯାଏ । ଏହି ଦିନ



ଦାନ କଲେ ଅଶେଷ ଲାଭ ମିଳିଥାଏ । ବ୍ରାହ୍ମଣ ଭୋଜନରେ ମଧ୍ୟ ବିଶେଷ ଉପକାର ମିଳିଥାଏ । ଏହି ଶ୍ରାଦ୍ଧରେ ଦାନର ମହତ୍ୱ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଦିନ ବ୍ରାହ୍ମଣମାନଙ୍କୁ ଲୁଗାପଟା, ଭୋଜନ ଆଦି ଶ୍ରଦ୍ଧା ଅନୁସାରେ ଦାନ କରିବା, ଗରିବଙ୍କ ଭୋଜନ କରାଇବାରେ ବହୁତ ଶୁଭଫଳ ମିଳିଥାଏ । ମହାଳୟ ପାଳନ ମଧ୍ୟ ମାତା ଦୁର୍ଗାଙ୍କ ସହ ଜଡ଼ିତ । ଯେଉଁଦିନ ମା ଦୁର୍ଗାଙ୍କ ପୂଜା କରାଯାଏ । ମା'ଦୁର୍ଗାଙ୍କୁ ଅପାର ଶକ୍ତିର ଅଧିକାରିଣୀ ଭାବେ ପୂଜା କରାଯାଏ । ମହାଳୟା ପାଳନ ମା' ଦୁର୍ଗାଙ୍କୁ ପୃଥିବୀ ପୃଷ୍ଠକୁ ଆମନ୍ତ୍ରଣ କରିବାପାଇଁ ପାଳନ କରାଯାଏ ଏବଂ ଜାଗୋ ତୁମ ଜାଗେ ମନ୍ତ୍ର ଉଚ୍ଚାରଣ କରାଯାଏ । ପିତୃପକ୍ଷର ଅନ୍ତିମ ଦିବସରେ ମହାଳୟା ପାଳନ କରାଯାଏ । ଭାରତର ଓଡ଼ିଶା, କର୍ଣ୍ଣାଟକ, ତ୍ରିପୁରା ତଥା ପଶ୍ଚିମବଙ୍ଗର ଜନସାଧାରଣ ମହାଳୟା ପାଳନ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସେହିଦିନ ଠାରୁ ମହାଳୟା ପାଳନ କରାଯାଉଛି, ଯେଉଁଦିନ ପ୍ରଭୁ ଶ୍ରୀରାମ ଲଙ୍କାକୁ ଯୁଦ୍ଧ ପାଇଁ ବାହାରିବା ପୂର୍ବରୁ ଦେବୀ ଦୁର୍ଗାଙ୍କ ପୂଜା କରିଥିଲେ । ପ୍ରଭୁ ଶ୍ରୀରାମ ରାବଣ କବଳର ସୀତା ମାତାଙ୍କୁ ଉଦ୍ଧାର ପାଇଁ ଦେବୀଙ୍କ ଆଶୀର୍ବାଦ ପ୍ରାପ୍ତି ଉଦ୍ଦେଶ୍ୟରେ ପ୍ରଭୁ ଶ୍ରୀରାମ ମା'ଙ୍କୁ ପୂଜା କରିଥିଲେ । କୁହାଯାଏ ଯେ, ଯେତେବେଳେ ପ୍ରଭୁ ଶ୍ରୀରାମ ମା'ଦୁର୍ଗାଙ୍କ ପୂଜା କରୁଥିଲେ ସର୍ବ ଦେବାଦେବୀଗଣ ମଧ୍ୟ ମାତାଙ୍କୁ ପୂଜା କରୁଥିଲେ । ଏହି ଦିନ ମା'ଦୁର୍ଗା ଧରାପୃଷ୍ଠରେ ଅବତରଣ ପାଇଁ ଯାତ୍ରା ଆରମ୍ଭ କରିଥିଲେ । ଅନ୍ୟ ଏକ ପୌରାଣିକ କଥା ଅନୁସାରେ ଦାନବୀର କର୍ଣ୍ଣ ଭୋଜନ ବ୍ୟତୀତ ଅନ୍ୟ ସବୁକିଛି ଦାନ କରି ଦାନବୀର କର୍ଣ୍ଣ ନାମରେ ପରିଚିତ ଥିଲେ । ତେଣୁ ତାଙ୍କର ମୃତ୍ୟୁପରେ ଇନ୍ଦ୍ରଦେବ ତାଙ୍କୁ ୧୪ ଦିନ ପାଇଁ ଧରାପୃଷ୍ଠକୁ ଆସିବାକୁ ଅନୁମତି ଦେଇଥିଲେ କେବଳ ଭୋଜନ ଦାନ କରିବା ପାଇଁ । ତେବେ ମହାଳୟ ହେଉଛି ଦେବୀ ପୂଜାର ଏକ ଅଭିନ୍ନ ଅଙ୍ଗ । ଏହି ଦିନ ପିତୃଲୋକଙ୍କ ପୂଜା କରାଯାଇ ପିଣ୍ଡ ଦାନ କରାଯାଏ ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ : ୯୪୩୭୪୫୦୧୧୪*

## ମହାଳୟା ଓ ଫୁଲ୍ଲୁରୀ ଓଷା

ଭାରତୀୟ ସଂସ୍କୃତିରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା କର୍ମ ବହୁକାଳରୁ ଚଳି ଆସୁଛି । ପିତୃପୁରୁଷଙ୍କ ମୃତ୍ୟୁ ଦିବସରେ ପ୍ରତିବର୍ଷ ଶ୍ରାଦ୍ଧ ପ୍ରଦାନ କରାଯାଉ ଥିଲେ ମଧ୍ୟ ମହାଳୟା ଶ୍ରାଦ୍ଧର ରହିଛି ସ୍ୱତନ୍ତ୍ରତା । ଭାଦ୍ରବ ଶୁକ୍ଳପକ୍ଷ ପୂର୍ଣ୍ଣିମା ଠାରୁ ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ପିତୃପକ୍ଷ ପାଳିତ ହୋଇଥାଏ । ଏହି ସମୟ ମଧ୍ୟରେ ପୂର୍ବପୁରୁଷଙ୍କୁ ଶ୍ରାଦ୍ଧ ଦେଲେ ପିତୃଋଣରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ଶାସ୍ତ୍ରାନୁଯାୟୀ, ଆଶ୍ୱିନ କୃଷ୍ଣପକ୍ଷରେ ପିତା ତଥା ମା'ଙ୍କ ମୃତ୍ୟୁତିଥିରେ



ଜ୍ୟେଷ୍ଠପୁତ୍ର ସସ୍ତ୍ରୀକ ଶୁଦ୍ଧପୂତ ଭାବେ ଶ୍ରାଦ୍ଧ ପ୍ରଦାନ ଏବଂ ବ୍ରାହ୍ମଣଙ୍କୁ ଭୋଜନ ଦେଲେ ପିତୃପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳିଥାଏ । ମହାଳୟାରେ ମା'ଙ୍କ ପିତ୍ରାଳୟର ପିତୃପୁରୁଷଙ୍କୁ ପିଣ୍ଡ ଦାନ କରାଯାଏ । ଅରୁଆ ଚାଉଳ, ଡାଲି, ଜଳ ଆଦିକୁ ତର୍ପଣ କରାଯାଏ । ପରେ ତାହାକୁ ଗାଈ, କାଉ ଆଦି ପଶୁପକ୍ଷୀଙ୍କୁ ଦିଆଯାଏ । ତର୍ପଣ ଦ୍ୱାରା ପିତୃପୁରୁଷଙ୍କ ଆଶୀର୍ବାଦ ମିଳିଥାଏ ଫଳରେ ସମସ୍ତ ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ମହାଳୟା ଅବସରରେ ଚୁଟି, ନଖ, ଦାଢ଼ି ଆଦି କାଟିବା ଆମିଷ ଭୋଜନ ବର୍ଜନୀୟ । ବିରାଜ କ୍ଷେତ୍ର, ବିନ୍ଦୁ ସାଗର, ପ୍ରାଚୀ କ୍ଷେତ୍ର, ଶ୍ରୀମନ୍ଦିରର ବାଇଶି ପାହାଚରେ ମଧ୍ୟ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଏ । ମହାଳୟା ଅମାବାସ୍ୟାରେ ମୁଖ୍ୟତଃ ଦକ୍ଷିଣ ଓଡ଼ିଶାରେ ପାଳିତ ହୁଏ ଫୁଲ୍ଲୁରୀ ଓଷା । ଏହି ପାରମ୍ପରିକ ଓଷାର ଏକ ବିଶେଷତ୍ୱ ହେଉଛି, ଛୋଟ ପଲାମାନେ ଘର ଘର ବୁଲି ପରିବା ସଂଗ୍ରହ କରନ୍ତି । ସଂଗୃହୀତ ପରିବାରେ ଘାଂଟ ତିଅଣ ପ୍ରସ୍ତୁତ କରାଯାଏ । ପରିବାରର କୁଳ ଦେବୀଙ୍କ ନିକଟରେ ଘାଂଟ ଭୋଗ ଲାଗିବା ପରେ ସାହି ପଡ଼ିଶାରେ ବଂଟାଯାଏ । ଏହି ଓଷା ଆମ ରାଜ୍ୟରେ ପ୍ରାଚୀନ ନୌ-ବାଣିଜ୍ୟ ପରମ୍ପରା ସହ ସଂପର୍କିତ । ଏକଦା ଓଡ଼ିଶାର କେତେକ ଅଂଚଳରେ ମହାଳୟା ଠାରୁ ସମୁଦ୍ର ଯାତ୍ରା ଆରମ୍ଭ ହେଉଥିଲା । ସେହି ଉପଲକ୍ଷେ ଫୁଲ ଓ ପତ୍ରରେ ସଜାଇ ପ୍ରକୃତି ମାତାଙ୍କୁ ପୂଜା କରାଯାଉଥିଲା ।

## ପିତୃପୁରୁଷଙ୍କ ଶ୍ରାଦ୍ଧ ମହାଳୟା

◆ ଉମା ଶଙ୍କର ପ୍ରସାଦ

ଶ୍ରଦ୍ଧାରୁ "ଶ୍ରାଦ୍ଧର" ଉତ୍ପତି । କେବଳ ସେତିକି ନୁହଁ, ଗୀତାରେ କୁହାଯାଇଛି " ଶ୍ରଦ୍ଧାବାନ ଲଭତେ ଜ୍ଞାନମ୍" ଯେଉଁବ୍ୟକ୍ତି କୌଣସି କାର୍ଯ୍ୟକୁ ଶ୍ରଦ୍ଧାର ସହିତ କରିଥାଏ, ସେ ଜ୍ଞାନ ଲାଭ କରିଥାଏ । ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତ୍ୟେକ ହିନ୍ଦୁ ନିଜର ପିତୃ ପୁରୁଷ ତୃପ୍ତିପାଇଁ ଶ୍ରାଦ୍ଧ ଓ ତର୍ପଣାଦି କରିଥାନ୍ତି । ପିତୃପକ୍ଷୀୟ ଶ୍ରାଦ୍ଧ ଓ ମହାଳୟା ଶ୍ରାଦ୍ଧର ଅର୍ଥ ଏକ ଅଟେ । ଏକ ନୈଷ୍ଠିକ ହିନ୍ଦୁ ଗୃହସ୍ଥଙ୍କ ପକ୍ଷରେ ଏହି ମହାଳୟା ଶ୍ରାଦ୍ଧ ଏକ ମହତ୍ୱପୂର୍ଣ୍ଣ ଦିବସ ଅଟେ । ପ୍ରଥମେ ବିଚାର କରିବା, ହିନ୍ଦୁ ଆମେ କାହାକୁ କହିବା ? ପ୍ରତ୍ୟେକ ହୀନକାର୍ଯ୍ୟରୁ ଯିଏ ନିଜକୁ ଦୂରରେ ରଖେ ସେ ପ୍ରକୃତ ହିନ୍ଦୁ ପଦବାଚ୍ୟ । ଏହି ପର୍ବ ଓ ପରମ୍ପରା ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଆଶ୍ୱିନ କୃଷ୍ଣପକ୍ଷ ବା କନ୍ୟାରେ ସୂର୍ଯ୍ୟ ପ୍ରବେଶ କଲେ ପିତୃପୂଜା (ଶ୍ରାଦ୍ଧ ଓ ତର୍ପଣ) କରିବା ପରମ ଆବଶ୍ୟକ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । "ନିର୍ଣ୍ଣୟସିନ୍ଧୁ" ମତାନୁସାରେ " ଆଶ୍ୱଯୁକ କୃଷ୍ଣପକ୍ଷେତୁ ଶ୍ରାଦ୍ଧଂ କାର୍ଯ୍ୟଂ ଦିନେ ଦିନେ" । ଜ୍ୟୋତିଷଶାସ୍ତ୍ରନୁସାରେ ସୂର୍ଯ୍ୟ ପକ୍ଷର ଆଦି ମଧ୍ୟ ଓ ଅନ୍ତ୍ୟରେ ଯେଉଁଦିନ କନ୍ୟା ରାଶିକୁ ପ୍ରବେଶ କରନ୍ତି, ଆଶ୍ୱିନର ସେହି କୃଷ୍ଣପକ୍ଷ ପିତୃପୁରୁଷ ପୂଜାର୍ଚ୍ଚନା ପାଇଁ ମହତ୍ୱପୂର୍ଣ୍ଣ ଅଟେ । ମନୁଙ୍କ ଉକ୍ତି ଅନୁସାରେ:-
ଆଦୌମଧ୍ୟେଃବସାନେ ବା ଯତ୍ର କନ୍ୟାଂ ବ୍ରଜେଦ୍ ରବିଃ
ସପକ୍ଷଃ ସକଳଃ ଶ୍ରେଷ୍ଠଃ ଶ୍ରାଦ୍ଧ ଷୋଡଶଙ୍କଂ ପ୍ରତି"

ଏହି ସମୟରେ ସମସ୍ତ ପିତୃଲୋକଙ୍କୁ ଯମଲୋକ (ପ୍ରେତପୁର)ରୁ ଛାଡଦିଆଯାଏ, ଯଥା:-

"ପ୍ରବୃଦନ୍ତେ ଯମଃ ପ୍ରେତାନ୍ ପିତ୍ୟଂଶ୍ଚାଥ ଯମାଳୟାତ
ବିସର୍ଜୟତି ଭୂର୍ଲୋକ କୃତ୍ୱା ଶୂନ୍ୟଂ ସ୍ୱକଂ ପୁରମ୍"
ଯାବତ୍ କନ୍ୟା ତୁଲୟୋଃ କ୍ରମଦାସ୍ତେ ଦିବାକରଃ
ଶୂନ୍ୟଂ ପ୍ରେତପୁରଂ ତାବଦ୍ ବୃଶ୍ଚିକେ ଯାବଦାଗତଃ"(ଶ୍ରାଦ୍ଧ ଚନ୍ଦ୍ରିକା)



ପ୍ରତ୍ୟେକ ପିତୃପୁରୁଷ ନିଜ ନିଜ ଅଧିକାର ଥିବା ଦ୍ୱାରଦେଶକୁ ବାୟୁ ରୂପରେ ଆସି ମଧୁ, ପାୟସ, ଘୃତ ଏବଂ ପୂଷ୍ପାଦି ମିଷ୍ଟାନ୍ ପାନାକାଂକ୍ଷାରେ ଦଣ୍ଡାୟମାନ ହୁଅନ୍ତି । " ତେ ପୁତ୍ରାଦେଃ ପ୍ରକାଂକ୍ଷତି ପାୟସଂ ମଧୁସଂଯୁତମ୍" ।
ଯଦି ଏହି ମହାଳୟା ଦିନରେ ପିତୃଲୋକ ନିଜର ପରିବାରରୁ ନିରାଶ ହୋଇ ଫେରନ୍ତି, ତେବେ ସେମାନେ ଦୁଃଖରେ ଗୃହସ୍ୱାମୀଙ୍କୁ କଠୋର ଶାପ ଦେଇ ପୁନର୍ବାର ନିଜ ଲୋକକୁ ପ୍ରତ୍ୟାବର୍ତନ କରନ୍ତି । କାଷ୍ଠାଜିନିକା ଉକ୍ତି ଅନୁସାରେ:-"ଅମାବାସ୍ୟା ଦିନେପ୍ରାପ୍ତେ ଗୃହଦ୍ୱାରଂ ସମାଶ୍ରିତାଃ
ଶ୍ରାଦ୍ଧାଭାବେ ସ୍ୱଭବନଂ ଶାପଂ ଦତ୍ୱାବ୍ରଜନ୍ତିତେ" ।
କର୍ମ ପୁରାଣରେ ମଧ୍ୟ ଲେଖାଅଛି ଯେ:-

"ଅମାବାସ୍ୟା ଦିନେ ପ୍ରାପ୍ତେ ଗୃହଦ୍ୱାରେ ସମାଶ୍ରିତାଃ
ବାୟୁଭୂତା ପ୍ରପଶ୍ରନ୍ତି ଶ୍ରାଦ୍ଧଂ ବୈପିତରୋ ନୃଣାମ୍ ॥
ଯାବଦସ୍ତ ମନଂ ଭାନୋଃ କ୍ଷୁତ୍ପିପାସା ସମାକୁଳାଃ
ତତଷ୍ଚାସ୍ତଂ ଗତେ ଭାନୌ ନିରାଶା ଦୁଃଖ ସଂଯୁତାଃ
ନିଶ୍ୱଶ୍ୱସ୍ୟ ସୁଚିରଂଯାନ୍ତି ଗର୍ହୟନ୍ତଃ ଦ୍ୱବଂଶଜମ୍" ॥

ପିତୃଗଣ ଶ୍ରାଦ୍ଧପାଇଁ ଅପେକ୍ଷାକରି ଶେଷରେ ନିରାଶ ହୋଇ ନିଜର ବଂଶକୁ ନିନ୍ଦା କରି ଯେପରି ଫେରିଯାନ୍ତି, ସେହିପରି ମଧ୍ୟ ପିତୃଗଣ ଶ୍ରାଦ୍ଧ କରିବା ଲୋକଙ୍କୁ ତଥା ତା' ପରିବାକୁ (ପୁତ୍ର-କୁଟୁମ୍ବାଦିକୁ) ଶ୍ରଦ୍ଧାରେ ମନୋବାଂଚ୍ଛିତ ଫଳ ପ୍ରଦାନ କରି ସୁଖୀ କରାଇଥାନ୍ତି । ହିମାଦ୍ରିଙ୍କ ଉକ୍ତି ପ୍ରକାରେ-
" ଆୟୁଃ ପୁତ୍ରାନ୍ ଯଶଃ ସ୍ୱର୍ଗଂ କୀର୍ତି ପୁଷ୍ଟିଂ ବଳଂ ଶ୍ରିୟମ୍
ପଶ୍ୱନ୍ ସୁଖଂ ଧନଂ ଧାନ୍ୟଂ ପ୍ରାପ୍ନୁୟାତ୍ ପିତ୍ୟ ପୂଜନାତ୍" ॥
ଏହି ଦୃଷ୍ଟିରୁ ମହାଳୟ ଶ୍ରାଦ୍ଧକୁ " ନିତ୍ୟ ଓ କାମ୍ୟ" ବୋଲି କୁହାଯାଇଥାଏ । ପିତୃପକ୍ଷ ପନ୍ଦର ଦିନ କୁହାଯାଇଥିଲେ ମଧ୍ୟ ଭାଦ୍ରପଦ



ପୂର୍ଣ୍ଣିମାକୁ ମିଶାଇ ଆଶ୍ୱିନ କୃଷ୍ଣପକ୍ଷକୁ ମହାଳୟା ପକ୍ଷ ଷୋଡ଼ଶ ଦିନାତ୍ମକ ବୋଲି କୁହାଯାଇଛି । ଏହି ଷୋହଳ ଦିନ ଯାକ ପ୍ରତ୍ୟେକ ହିନ୍ଦୁ ପରିବାର ମହାଳୟା ଶ୍ରାଦ୍ଧ କରିବା ବିଧେୟ । ଯେଉଁମାନେ ଅସମର୍ଥ ସେମାନେ ଅତ୍ୟନ୍ତପକ୍ଷେ ଅଷ୍ଟମୀଠାରୁ ଆଠଦିନ, ଅଥବା ଏକଦଶୀଠାରୁ ପାଂଚଦିନ ମହାଳୟା ଶ୍ରାଦ୍ଧ କରିବା ପାଇଁ ଶାସ୍ତ୍ର ସମ୍ମତ ଅଛି ଯଥା:-
"ଆଶ୍ୱଯୁକ୍ କୃଷ୍ଣପକ୍ଷେତୁ ଶ୍ରାଦ୍ଧଂ କୁର୍ଯ୍ୟା ଦିନେ ଦିନେ
ତ୍ରିଭାଗ ହୀନଂ ପକ୍ଷବା ତ୍ରିଭାଗଂ ତ୍ୱର୍ଦ୍ଧମେବବା" ॥

ଯେଉଁବ୍ୟକ୍ତି ଉପରୋକ୍ତ କାର୍ଯ୍ୟ କରିବା ପାଇଁ ମଧ୍ୟ ଅସମର୍ଥ ତେବେ ସେ ନିଜ ପିତାଙ୍କର ମରଣତିଥିରେ ଅଥବା ପିତୃପକ୍ଷରେ କୌଣସି ଗୋଟିଏ ଦିନ ନିତ୍ୟାନ୍ତ ପକ୍ଷେ ଶ୍ରାଦ୍ଧ କରିବା କଥା । ଏହିପରି ଗୋଟିଏ ଦିନ ମହାଳୟା ଶ୍ରାଦ୍ଧକୁ "ସକୃନ୍ମହାଳୟା ଶ୍ରାଦ୍ଧ" କହନ୍ତି । ଯେଉଁବ୍ୟକ୍ତି ଏହି ଗୋଟିଏ ଦିନ ମଧ୍ୟ ନିଜ ପିତୃ ପୁରୁଷ ପାଇଁ କରିନଥାଏ ସେ ଜୀବନ ବ୍ୟାପି ଦୁଃଖ ଭୋଗ କରେ । ଗ୍ରାର୍ମ୍ୟ ମୁନିଙ୍କ ଅନୁସାରେ:-
"ଶ୍ରାଦ୍ଧଂ ନକୁରୁତେ ତତ୍ର ତସ୍ୟରକ୍ତଂ ପିବନ୍ତି ତେ
ସୂର୍ଯେ କନ୍ୟା ଗତେ ଶ୍ରାଦ୍ଧଂ ଯୋନ କୁର୍ଯ୍ୟାଦ୍ ଗୃହାଶ୍ରମଂ
ଧନପୁତ୍ରାଃ କୁତସ୍ତସ୍ୟ ପିତୃ ନିଶ୍ୱାସ ପୀଡ଼ୟା" ॥
ଦୁଃଖ ଓ ପରିତାପର ବିଷୟ ଆଜି ଏକ ବିଂଶ ଶତାବ୍ଦୀରେ ଯନ୍ତ୍ରବିତ ମଣିଷ ହିନ୍ଦୁ ସଂସ୍କୃତିର ଐତିହ୍ୟ, ପରମ୍ପରା, ଧର୍ମ ଧାରାକୁ ଭୂଲିଯାଇ ଏହାକୁ ମାହଳିଆ ବୋଲି ମନ୍ତବ୍ୟ ପ୍ରଦାନ କରନ୍ତି । ଏହିଭଳି ବ୍ୟକ୍ତି ବିଶେଷ ଭୂଲି ଯାଇଛନ୍ତି "**As you Sow, Show you Reap**" ଯେଭଳି ବୁଣିବ ସେଭଳି ପାଇବ । ସେହିଭଳି ପରିବାର ପିତୃପୁରୁଷଙ୍କ ଶାପର ଭାଗିଦାରୀ ହୋଇ ନାନା କଷ୍ଟର ସମ୍ମୁଖୀନ ହୋଇଥାନ୍ତି । ଏହି ମହାଳୟାରେ ମୃତ୍ୟୁବରଣ କରିଥିବା ଆତ୍ମୀୟମାନେ ମଧ୍ୟ ଭାଗୀ ହୁଅନ୍ତି; ଯଥା ପିତା, ପିତାମହ, ପ୍ରପିତାମହ, ମାତା, ପିତାମହୀ, ପ୍ରମାତାମହ, ବିମାତା, ପିତୃଭ୍ରାତା, ଜନନୀ, ଭଗିନୀ, ଶାଶୁ, ଶ୍ୱଶୁର, ଗୁରୁଶିଷ୍ୟ ଏବଂ ଆଶ୍ରିତ ଦାସାଦି ସମସ୍ତେ ମହାଳୟା ଶ୍ରାଦ୍ଧରେ ତୃପ୍ତି ଲାଭ କରିଥାନ୍ତି । ଅର୍ଥାତ୍ ଏ ସମସ୍ତଙ୍କର ଶ୍ରାଦ୍ଧରେ ଅଧିକାର ଥାଏ । ତେଣୁ ପ୍ରତ୍ୟେକ ହିନ୍ଦୁ ପରିବାର ଶ୍ରାଦ୍ଧ ପ୍ରଦାନ କରି ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବା ବିଧେୟ । "ନନ୍ଦ ଦୈବତ୍ୟ ପାର୍ବଣ" ଏବଂ ଅନ୍ୟ ସମସ୍ତଙ୍କର "ଏକୋର୍ଦ୍ଧିଷ୍ଟ" ଏହି ମହାଳୟା ଶ୍ରାଦ୍ଧର ସ୍ୱରୂପ ଅଟେ । ତେଣୁ ଶିକ୍ଷିତ ସମାଜ ନିଜକୁ ଶିକ୍ଷିତ କରିଥିଲେ ମଧ୍ୟ ଶାସ୍ତ୍ର ମୋଦିତ ପରମ୍ପରାକୁ ଅଣଦେଖା ନକରି ପୂର୍ଣ୍ଣ ଶ୍ରଦ୍ଧା ଏବଂ ଦୃଢ଼ ବିଶ୍ୱାସ ସହ ମହାଳୟା ଶ୍ରାଦ୍ଧ କଲେ, ନିଜର ସମସ୍ତ କାମନା ଫଳପ୍ରଦ ହୋଇଥାଏ ।

*ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ,ଖୋର୍ଦ୍ଧା*

# ଛାତ୍ର ସଂସଦ ନିର୍ବାଚନ: ଏବିଭିପିର ୧୧ ଟି ପଦବୀ ଅନକଂଟେଷ୍ଟ

ଧାମନଗର(ନିପ୍ର): ଧାମନଗର କଲେଜ ରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ସାହ ଦେଖାଦେଇଛି । ଚଳିତ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ୧୧ ଟି ପଦବୀରେ ନିର୍ଦ୍ୱନ୍ଦ୍ୱ ରେ ବିଜୟୀ ହୋଇଛି । ମୋଟ ୨୩ ଟି ପଦବୀ ପାଇଁ ନିର୍ବାଚନ ହେଉଛି । ଆଜି ଉଭୟ ଏବିଭିପି ଓ ବିସିଜେଡି ଛାତ୍ର ସଙ୍ଗଠନ ପକ୍ଷରୁ ପଟୁଆର ରେ ଜାଇ ଥିଲେ । ଏଥିପାଇଁ ଏବିଭିପି ପକ୍ଷରୁ ୨୩ ଜଣ ଓ ବିସିଜେଡି ପକ୍ଷରୁ ୧୧ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ । ଏବିଭିପିର ୧୧ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ଇତିଶ୍ରୀ ସାମଲଙ୍କ ନାମାଙ୍କନ ଅଧିକ ବୟସ କାରଣରୁ ନାକଚ ହୋଇଥିବା ଜଣାପଡ଼ିଛି । ନିର୍ବାଚିତ ପ୍ରାର୍ଥୀଙ୍କ ମଧ୍ୟରେ ଯୁକ୍ତ ୩ ପ୍ରଥମ ବର୍ଷ କଳାରେ ଲୁସିପ୍ରିୟା ବେହେରା, ଦ୍ୱିତୀୟ ବର୍ଷ କଳାରେ ଜୟଦେବ ଜେନା, ତୃତୀୟ ବର୍ଷ କଳାରେ ବର୍ଷା ପ୍ରିୟଦର୍ଶିନୀ ଜେନା, ପ୍ରଥମ ବର୍ଷ ବିଜ୍ଞାନରେ ଜୀବନଜ୍ୟୋତି ନାୟକ, ଦ୍ୱିତୀୟ ବର୍ଷ ବିଜ୍ଞାନରେ ପୂର୍ଣ୍ଣିମା ବାରିକ, ତୃତୀୟ ବର୍ଷ ବିଜ୍ଞାନରେ ରୁପାଲୀ ସାହୁ, ପ୍ରଥମ ବର୍ଷ ବାଣିଜ୍ୟରେ ରଞ୍ଜନ ଡାଲ ଓ ଦ୍ୱିତୀୟ ବର୍ଷ ବାଣିଜ୍ୟରେ ସୁରଞ୍ଜନ ସାମଲ ଅଛନ୍ତି । ସେହିପରି ଏସଏସଜି ସହସମ୍ପାଦକ ଭାବେ ସୁଭଦ୍ରା ସାମଲ, କମନ୍ ରୁମ୍ ସହସମ୍ପାଦକ ଭାବେ ରାକେଶ ପାଢ଼ୀ ଓ ଡିଏସଏ ସହସମ୍ପାଦକ ଭାବେ ତନ୍ମୟ ତରବିତ ଦାସ ନିର୍ବାଚିତ ହୋଇଛନ୍ତି । ଅବଶିଷ୍ଟ ୧୧ଟି ପଦବୀ ପାଇଁ ଆସନ୍ତା ୧୫ ତାରିଖରେ ମତଦାନ ହେବ । ଏଥିରେ ଏବିଭିପି ଓ ବିସିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବ । ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜ୍‌ଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ନିର୍ବାଚନ ଅଧିକାରୀ ସରୋଜ ପଣ୍ଡାଙ୍କ ସମେତ ପ୍ରଶାନ୍ତ ପରିଡ଼ା, ଆଶୀର୍ବାଦ ମହାନ୍ତି ଓ ଚିନ୍ମୟୀ ଜେନା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅଛନ୍ତି । ପ୍ରଦୀପ କୁମାର ରାୟ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି । ସୂଚନାଯୋଗ୍ୟ ଦୀର୍ଘ ୧୨ ବର୍ଷ ବ୍ୟବଧାନ ପରେ ନିର୍ବାଚନ ଫେରିଥିବାରୁ କ୍ୟାମ୍ପସରେ ଛାତ୍ର ରାଜନୀତି ପୁଣି ଚଳଚଂଚଳ ହୋଇଉଠିଛି । ମହାବିଦ୍ୟାଳୟରେ ଯୁକ୍ତ ୩ ରେ ପ୍ରାୟ ୬୦୦ ଭୋଟର ରହିଛନ୍ତି । ସୁରକ୍ଷା ଦୃଷ୍ଟିରୁ ଧାମନଗର ଥାନାଧିକାରୀଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁ ଉପସ୍ଥିତ ଥିଲେ । ତେବେ ଏହି ନିର୍ବାଚନ ଖୋଦ୍ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଙ୍କ ନିଜ ନିର୍ବାଚନ ମଣ୍ଡଳୀ ହୋଇ ଥିବାରୁ ଏହା ଏକ ସମ୍ମାନ ଜନକ କଥା ଉଠିଛି । ଏବିଭିପି ଓ ବିସିଜେଡି ଛାତ୍ର ସଙ୍ଗଠନ ସିଧା ସଳଖ ବିଜେପି ଓ ବିଜେଡ଼ି ଏକ ଅଙ୍ଗ ହୋଇ ଥିବାରୁ ଉଭୟ ଦଳ ପକ୍ଷରୁ ଜିତିବା ପାଇଁ ଉଭୟ ଆଶା ବାଦୀ ଅଛନ୍ତି ।ବିଜେପି ପକ୍ଷରୁ ମନ୍ତ୍ରୀ ଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର ଓ ଅଶୋକ କୁମାର ପୁହାଣ ଓ ବିଜେଡି ପକ୍ଷରୁ ଦଳ ର ବ୍ଲକ ସଭାପତି ପ୍ରତାପ ସାମଲ ଓ ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ ମଙ୍ଗ ଧରିଛନ୍ତି ।



# ସେବା ସେତୁ ଅଭିଯାନ-୨୦୨୬ ଅନୁଷ୍ଠିତ




ଖୁଂଟା(ନିପ୍ର): ଏଥିରେ ମାନ୍ୟବର ବିଧାୟକ, ବାରିପଦା, ବ୍ଲକ ଅଧକ୍ଷ, ଉପାଧକ୍ଷା, ବିଡିଓ ଏବଂ ଜିଲ୍ଲା ପରିଷଦ ଜୋନ୍ ୧୨ ଓ ୧୩ର ସଦସ୍ୟମାନେ ଯୋଗ ଦେଇଥିଲେ । ଏହି ଅଭିଯାନରେ ମୋଟ ୪୩୭ଟି ପଞ୍ଜୀକରଣ ହୋଇଥିବା ବେଳେ ୧୨୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ମୋଟ ୧୦୪ ଜଣ ହିତାଧିକାରୀ ବିଭିନ୍ନ ସରକାରୀ ଯୋଜନା ଓ ସେବାରେ ଉପକୃତ ହୋଇଥିଲେ । ଏହି ଅବସରରେ ୧୮ ଜଣଙ୍କ ଜମି ପଟ୍ଟା ସଂଶୋଧନ, ୨୫ ଜଣଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ, ୧୨ ଜଣଙ୍କୁ ପୋଷ୍ଟ ମାଟ୍ରିକ୍ ଛାତ୍ରବୃତି, ୮ ଜଣଙ୍କୁ ରାସନ କାର୍ଡ ଏବଂ ୫ ଜଣଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା । ଏଥିସହ ୨ଟି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା, ଶ୍ରମିକ କାର୍ଡଧାରୀଙ୍କ ୨ଟି ପରିବାରକୁ ମୃତ୍ୟୁକାଳୀନ ସହାୟତା, ୫ ଜଣଙ୍କୁ ହ୍ୱିଲ୍‌ଚେୟାର, ୨ ଜଣଙ୍କୁ ଟ୍ରାଇସାଇକେଲ୍, ୨ ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହାୟତା ଏବଂ ୩ ଜଣଙ୍କୁ ବର୍ଦ୍ଧିତ ଭତା ପ୍ରଦାନ କରାଯାଇଥିଲା । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାଧାରଣ ଲୋକଙ୍କୁ ସରକାରୀ ଯୋଜନା ଓ ସେବା ସହ ଯୋଡ଼ିବା ଏବଂ ସେମାନଙ୍କ ଅଭିଯୋଗର ସମାଧାନ ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ପ୍ରଶାସନିକ ସେବା ପହଂଚାଇବା । ଏହି ଅବସରରେ ଡୁକୁରା ଏବଂ ବିସିପୁର ଗ୍ରାମପଂଚାୟତରେ ସେବା କେନ୍ଦ୍ର ଏବଂ ସୁଭଦ୍ରା ଶକ୍ତି କେନ୍ଦ୍ର ବିଧାୟକଙ୍କ ଦ୍ୱାରା ଉଦଘାଟିତ ହୋଇଛି ।

# ଗୋପବନ୍ଧୁଙ୍କ ଜୟନ୍ତୀ ଓ ସେବା ସପ୍ତାହ ଉତ୍ସବ ପାଳିତ

ନୀଳଗିରି(ନିପ୍ର): ନୀଳଗିରି ଉପରଣ୍ଡ ଔପଦା ବ୍ଲକ୍ କାଣ୍ଡଗରିଡି ପଂଚାୟତର ସନ୍ତରାଗଡ଼ିଆ ଠାରେ ଥିବା ଶିଶୁ ବିକାଶ ବିଦ୍ୟା ମନ୍ଦିର ର ଗାନ୍ଧି ଜୟନ୍ତୀ ଠାରୁ ଗୋପବନ୍ଧୁ ଜୟନ୍ତୀ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ ହୋଇଯାଇଛି । ଆଜି ଅକ୍ଟୋବର ୯ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ରେ ଶିଶୁ ବିକାଶ ବିଦ୍ୟା ମନ୍ଦିର ସନ୍ତରାଗଡିଆ ର ଶିଶୁ ମାନଙ୍କ ଦ୍ୱାରା ରାସନ ସାମଗ୍ରୀ, ଖାଦ୍ୟ, ବସ୍ତ୍ର ଓ କିଛି ଅର୍ଥ ରାଶି ଶ୍ୟାମସୁନ୍ଦରପୁର ଗ୍ରାମ ପଂଚାୟତ ଓ କାଣ୍ଡଗରଡି ଗ୍ରାମ ପଂଚାୟତର ୧୫ ଜଣ ଦ୍ୱିବ୍ୟାଙ୍ଗ, ନିଃସହାୟ, ଅଭାବୀ, ଦୁଃଖି ଲୋକ ମାନଙ୍କୁ ଦାନ ଧର୍ମ କରିଛନ୍ତି । ପ୍ରତି ବର୍ଷ ଅକ୍ଟୋବର ୨ ଠାରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ଶିଶୁ ମାନଙ୍କ ମନରେ ସେବା ସମର୍ପଣ ଭାବ ନିର୍ମାଣ ନିର୍ମିତ ଏହି କାର୍ଯ୍ୟକ୍ରମ ୩ ବର୍ଷଧରି ଶିଶୁ ବିକାଶ ବିଦ୍ୟା ମନ୍ଦିର ରେ ପାଳନ ହୋଇଆସୁଛି । ସେବା ସପ୍ତାହ ର ଉଦଯାପନ ଦିବସ ରେ ପ୍ରଧାନ ଆଚାର୍ଯ୍ୟ କାର୍ତିକେଶ୍ୱର ବାରିକ ଙ୍କ ଅଧ୍ୟକ୍ଷତାରେ ଏକ ସଭା କାର୍ଯ୍ୟ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ କମଳାକାନ୍ତ ବାରିକ୍ ପ୍ରଥମ ରେ ଦାନ ଦେବା ସହ ଶିଶୁ ମାନଙ୍କୁ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ମାର୍ଗ ଦର୍ଶନ କରିଥିଲେ ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ମାଲକାନଗିରି(ନିପ୍ର): ମାଲକାନଗିରି ବ୍ଲକ ଅଧୀନ ସିନ୍ଧ୍ରିମାଳ ଆଂଚଳିକ ସାଧନ କେନ୍ଦ୍ର ସୁରଭି କାର୍ଯ୍ୟକ୍ରମ ତଥା ଶିଶୁ ମହୋତ୍ସବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ - ମନୁଷକୋଣ୍ଡା ଠାରେ ସି.ଆର.ସି.ସି. ଚିନ୍ମୟୀ ପଣ୍ଡା ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ସରପଂଚ ଘାସି ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ହରି ପଡିଆମି ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଧୂପ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ*ାୟତର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୬୦ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୨୬ଟି ଭିନ୍ନ ଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଉଦ୍‌ଯାପନ ଉତ୍ସବରେ ସରପଂଚ ସହ ଅନ୍ୟାନ ଉପସ୍ଥିତ ଅଥିତିମାନଂକ ଦ୍ୱାରା ଛତ୍ରଛାତ୍ରୀ ମାନଂକୁ ୮୦ ଗୋଟି ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଂଚାୟତର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ବାସନ୍ତୀ ପଟନାୟକ, କେଦାର ମହାକୁଡ଼, ସୁହାସ କରାଟି, ପୁଷ୍ପରାଣୀ ବିଶୋଇ, ମନ ମାଡକାମୀ, ପଲ୍ଲିଶ୍ରୀ ନାୟକ, ଗୋବିନ୍ଦ ରାୟ, ଚିନାରାଣି ବଲବାନ୍ତରା, ଝରଣା ଭୋଇ, ସୁମିତ୍ରା ଚର୍ଛି, ମନରଞ୍ଜନ ମଣ୍ଡଳ, ଜୟାତି ସିନା, ଶୁଭେନ୍ଦୁ ପରିଡା, ହରି ଖିଲ, ରଶ୍ମିତା ରାଉତ, ସପନ କୁମାର ମଣ୍ଡଳ, ତଥା ଅନ୍ୟ ମାନେ କାର୍ଯ୍ୟକ୍ରମ କୁ ପରିଚାଳନା ସହ ସହଯୋଗ କରିଥିଲେ ଓ ସଭା ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସାନ୍ଧ୍ୟରାଣୀ ହନ୍ତାଳ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସଭାସାଙ୍ଗ ଘୋଷଣା କରିଥିଲେ ।

# ଖଇରା ଓ ଜମ୍ୱେଶ୍ୱର କଲେଜରେ ନିର୍ବାଚନ, କୁପାରୀରେ ଚୟନ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରମୁଖ ଖଇରା ମହାବିଦ୍ୟାଳୟ ଓ ଗରସଙ୍ଗସ୍ଥିତ ଜମ୍ୱେଶ୍ୱର ମହାବିଦ୍ୟାଳୟ ରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଚୟନ ପ୍ରକ୍ରିୟା ମାଧ୍ୟମରେ ପ୍ରାର୍ଥୀ ଚୁଡାନ୍ତ ହେବା ପରିସ୍କାର ହୋଇ ଯାଇଛି । ଖଇରା ମହାବିଦ୍ୟାଳୟରେ ୩ ଛାତ୍ର ସଙ୍ଗଠନ ବିସିଜେଡି, ଏବିଭିପି ଓ ଏନଏସୟୁଆଇ ନିଜ ପ୍ରାର୍ଥୀଙ୍କୁ ମଇଦାନରେ ଓହ୍ଲାଇଥିବା ବେଳେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବା ସ୍ପଷ୍ଟ ହୋଇ ଯାଇଛି । ସଭାପତି ପ୍ରାର୍ଥୀ ଭାବେ ଲକ୍ଷ୍ମୀପ୍ରିୟା ଜେନା, ଶ୍ରୀତମ ଦାସ, ଗୀତାଞ୍ଜଳୀ ବେହେରା ଓ ଆଶିଷ କୁମାର ଦାସ ମନୋନୟନ ପତ୍ର ଦାଖଲ କରିଥିବା ବେଳେ ଅଶେଷ ସବ୍ୟସାଚୀ ଲେଙ୍କା, ମାନସ ପ୍ରିତମ ଲେଙ୍କା, ତପସ୍ୱିନୀ ବେହେରା ଓ ଚିନ୍ମୟୀ ସେଠୀ ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି । ଗତ ୨ଦିନ ପୁର୍ବରୁ ୩ଦଳ ର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ପ୍ରାର୍ଥୀ ଚୁଡାନ୍ତ କରାଯାଇଥିବା ବେଳେ ଶୁକ୍ରବାର ୩ ଛାତ୍ର ସଙ୍ଗଠନର ଛାତ୍ରୀଛାତ୍ର ମାନେ ନିଜ ପ୍ରାର୍ଥୀ ମାନଙ୍କ ସହ ସୋର-କୁପାରୀ ରାସ୍ତାରେ ବିରାଟ ପଟୁଆରରେ ରେ କଲେଜ କ୍ୟାମ୍ପସକୁ ଆସିଥିଲେ । ଏହି ଶୋଭାଯାତ୍ରା ମାନଙ୍କରେ ବହୁ ଲୋକପ୍ରତିନିଧି ସାମିଲ ଥିବା ନେଇ ମଧ୍ୟ ଦେଖିବାକୁ ମିଳିଥିବାରୁ ଏଥର କଲେଜ ନିର୍ବାଚନରେ ମୁକାବିଲା ଜୋରଦାର ହେବ ବୋଲି ଆଲୋଚନା ହେଉଛି । ସେହିଭଳି ଗରସଙ୍ଗ କଲେଜ ନିର୍ବାଚନରେ ସାଧାରଣ ସମ୍ପାଦକ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ ପରେ ତାଙ୍କ ନାମରେ ଥାନାରେ ମାମଲା ଥିବା ନେଇ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ମାନେ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ପରେ ୭ଟା ସୁଦ୍ଧା ପ୍ରାର୍ଥୀଙ୍କ ନାମ ଘୋଷଣା ସଂଧ୍ୟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଏ ସମ୍ପର୍କରେ ଅଧ୍ୟକ୍ଷ ରତ୍ନାକର ହାତୀଙ୍କ ପ୍ରତିକ୍ରିୟା ନେବାରେ ଜଣେ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରୁଜୁ ଥିବା ନେଇ ଅଭିଯୋଗ ପରେ ଏହାକୁ ସ୍ଥଗିତ ରଖାଯାଇଛି । ଉପଜିଲ୍ଲାପାଳଙ୍କ ନିଷ୍ପତି ପରେ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ ବୋଲି କହିଛନ୍ତି ।




# ନିଶା ନିରାକରଣ ଶୋଭାଯାତ୍ରା

ଜଳେଶ୍ୱର(ନିପ୍ର): ଆମ୍ବେଦକର ସମତା ମଂଚ ଏବଂ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ମିଳିତ ଆନୁକୂଲ୍ୟରେ ଜଳେଶ୍ୱର ମ୍ୟୁନିସିପାଲଟି ରେ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶାନ୍ତିଆ ଗାଁ ଠାରୁ ଜଳେଶ୍ୱର ବ୍ଲକ ଅଫିସ ପର୍ଯ୍ୟନ୍ତ ଅନୁଷ୍ଠିତ ଶୋଭାଯାତ୍ରା, ସମତା ମଂଚର ସଭାପତି ଆଶୋକ କୁମାର ଜେନା ଙ୍କ ନେତୃତ୍ୱରେ ହୋଇଥିଲା । ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରିବାପାଇଁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଜଳେଶ୍ୱର ଶାଖା ପକ୍ଷରୁ ପ୍ରତି ପଂଚାୟତ ଏବଂ ମ୍ୟୁନିସିପାଲିଟିର ପ୍ରତି ୱାର୍ଡ ରେ ନିଶାମୁକ୍ତ ସମାଜ ଗଠନ ନିମନ୍ତେ ମହିଳା ମାନଙ୍କୁ ସଂଗଠିତ ହେବାକୁ ଆହ୍ୱାନ ଦିଆଯାଇଥିଲା । ଶିକ୍ଷାନୁଷ୍ଠାନ ଠାରୁ ୫୦୦ ମିଟର ଦୂରତା ମଧ୍ୟରେ ସରକାରୀ ମଦଦୋକାନ ଖୋଲିବା ନିଷିଦ୍ଧ କରିଥିବା ବେଳେ, ଏବେ କିନ୍ତୁ ସେହି ସରକାର ନିୟମକୁ ଖୋଲାମ ଖୋଲା ଉଲଘଂନ କରି ବିଦ୍ୟାଳୟ ଅତି ନିକଟରେ ମଦଦୋକାନ ଖୋଲା ଯାଉଛି । ଫଳରେ ଛାତ୍ର ଛାତ୍ରୀ, ଯୁବପିଢି ମାନଙ୍କୁ ପଥଭ୍ରଷ୍ଟ ହୋଇ ଅନ୍ଧଭକ୍ତ ତିଆରି କରିବାକୁ ଯୋଜନା ହେଉଥିବା ଅଭିଯୋଗ କରିଛନ୍ତି । ଭୋଗରାଇ ବ୍ଲକର ମାଆ, ଭଉଣୀ ନାରୀ ଶକ୍ତି ସଂଗଠିତ ହୋଇ ବେନିୟମ ମଦ ଭାଟି ଗୁଡ଼ିକୁ ଭାଙ୍ଗିବା ସହିତ ମାଫିଆ ମାନଙ୍କୁ ବିଚ୍ ରାସ୍ତାରେ ଘୋଷାରି ମାଡ଼ ମାରିବା ସହିତ ପ୍ରଶାସନକୁ ହସ୍ତାନ୍ତର କରି ଜନ ସମାଜକୁ ଏକ ପରିବର୍ତ୍ତନର ପ୍ରେରଣା ଅନ୍ୟ ସମସ୍ତଙ୍କ ପାଇଁ ଜାଗ୍ରତ ସୃଷ୍ଟି କରିଛି । ତେଣୁ ସମାଜରେ ସୁସ୍ଥ ଜୀବନଯାପନ ନିମନ୍ତେ ଆମ୍ଭେ ହାତକୁ ହାତ ମିଶାଇ ସଂଘବଦ୍ଧ ହୋଇ ମଦ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟକୁ ପ୍ରତି ଗାଁ ଗହଳିରୁ ହଟାଇବା ପାଇଁ ମଂଚର ସଭାପତି ଅଶୋକ କୁମାର ଜେନା, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ନାଥ ସେନାପତି, ସମ୍ପାଦକ ପ୍ରଦୀପ ସିଂ, ଆହ୍ୱାନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଶାନ୍ତିଆ ଗ୍ରାମର ଗଣେଶ ଚନ୍ଦ୍ର ଜେନା, ଜ୍ୟୋସ୍ନା ଜେନା, ମକର ଦେହୁରୀ, କେଦାର ଜେନା, ହେମା ଜେନା, ମଦନ ଜେନା, ଲକ୍ଷ୍ମୀ ଦେହୁରୀ, ଆରତୀ ହେହୁରି, ମୀନା ଜେନା, ବିଷ୍ଣୁ ପଦ ଜେନା, ବାସନ୍ତୀ ପାତ୍ର ଚୈତନ୍ୟ ଜେନା, ବନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ସରିଲା ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର

ବାଲିଆପାଳ(ନିପ୍ର): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ସାରା ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଚଳିତ ମାସ ୧୫ ତାରିଖରେ ହେବା ନେଇ ପ୍ରକ୍ରିୟା ଯୁଦ୍ଧ କାଳୀନ ଭିତିରେ ଚାଲିଛି । ସେଥିପାଇଁ ଶୁକ୍ରବାର ବାଲିଆପାଳ ବ୍ଲକର ଦୁଇ ପ୍ରମୁଖ ମହାବିଦ୍ୟାଳୟ ସୁବର୍ଣ୍ଣରେଖା ଓ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଛାତ୍ର ସଂସଦ ପାଇଁ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରାଯାଇଛି । ଏହି ନାମାଙ୍କନ ପତ୍ର ଦାଖଲରୁ ଜଣା ପଡିଛି କି ଉଭୟ ମହାବିଦ୍ୟାଳୟରେ ତ୍ରିପାକ୍ଷିକ ଲଢେଇ ହେବ ।ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ତିନୋଟି ଛାତ୍ର ସଂଗଠନ ଯଥା କଂଗ୍ରେସ ସମର୍ଥନ ରେ (ଆଇ ଏସ ଏସ ଓ) ସ୍ୱାଧୀନ ଛାତ୍ର ସେବା ସଙ୍ଗଠନ, ବିଜେପି ସମର୍ଥନ ରେ (ଏ ବି ଭି ପି) ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ,ଏବଂ ବିଜୁ ଜନତା ଦଳ ସମର୍ଥନରେ( ବି ସି ଜେ ଡ଼ି) ବିଜୁ ଛାତ୍ର ଜନତା ଦଳ ନିର୍ବାଚନ ରେ ଅବତୀର୍ଣ୍ଣ ହୋଇ ଥିବା ବେଳେ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ମଧ୍ୟ ସେହିପରି ତିନୋଟି ଛାତ୍ର ସଂଗଠନ ଯଥା କଂଗ୍ରେସ ସମର୍ଥନରେ ଏନ ଏସ ୟୁ ଆଇ,ବିଜେପି ସମର୍ଥନରେ ଏ ବି ଭି ପି ଓ ବିଜୁ ଜନତା ଦଳ ସମର୍ଥନରେ ବି ସି ଜେ ଡ଼ି ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରାଯାଇଛି । ଏଥିରୁ ସ୍ପଷ୍ଟ ହେଉଛି କି ଉଭୟ କଂଗ୍ରେସ, ବିଜେପି ଓ ବିଜେଡି ପକ୍ଷରୁ ଉଭୟ ମହାବିଦ୍ୟାଳୟରେ ଲଢ଼େଇ ଜୋରଦାର ହେବ । ମହାବିଦ୍ୟାଳୟର ବାହାରେ ଭିନ୍ନ ଭିନ୍ନ ରାଜନୈତିକ ଦଳର ଛତ୍ର ଛାୟା ତଳେ ରହି ଛାତ୍ରଛାତ୍ରୀ ମାନେ ମହାବିଦ୍ୟାଳୟରେ ନିର୍ବାଚନ ଲଢୁଛନ୍ତି । ଯାହାଫଳରେ ତ୍ରିପାକ୍ଷିକ ଲଢ଼େଇ ଜୋରଦାର ହେବାର କାରଣ ହେଉଛି ୮ ବର୍ଷ ପରେ କଲେଜରେ ନିର୍ବାଚନ ହେଉଛି । ଯାହାକି ପିଲାମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳୁଛି । ଆଜିର ନାମାଙ୍କନ ପତ୍ର ଦାଖଲ ସମୟରେ ପ୍ରତି ଦଳର ସମର୍ଥକ ମାନଙ୍କ ମଧ୍ୟରେ ଖୁବ ଉତ୍ସାହ ଦେଖିବାକୁ ମିଳିଥିଲା ।

# ହିରୋ ମୋଟୋକର୍ପ ଇଂଟିଗ୍ରେଟେଡ୍-ଏ ବି ଏସ ସହିତ ଗ୍ଲାମର ଏକ୍ସ ଲଂଚ କଲା

କଟକ(ନିପ୍ର) ବକ୍ସିବଜାରସ୍ଥିତ ଜେ ଏମ ଜି ଅଟୋମୋବାଇଲ୍ସର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଅଗ୍ରୱାଲଙ୍କ ସହଯୋଗରେ ଭାରତର ହିରୋ ମଟର କର୍ପ ବିଶ୍ୱର ସର୍ବବୃହତ୍ ମୋଟର ସାଇକେଲ୍ ଏବଂ ସ୍କୁଟର ନିର୍ମାତା, ଆଜି ବହୁ ପ୍ରତୀକ୍ଷିତ ଗ୍ଲାମର ଏକ୍ସ ସହିତ ଇଂଟିଗ୍ରେଟେଡ - ଏ ବି ଏସ ର ଲଂଚ ଘୋଷଣା କରିଛି ଓ ଏହି ବୈଶିଷ୍ଟ୍ୟ ଯାନର ସ୍ଥିରତାକୁ ବହୁଗୁଣିତ କରିବା ସହ ବ୍ରେକିଂ ଦୂରତାକୁ କମାଇଥାଏ । ଏହା ଉନ୍ନ ?ତ ପ୍ରଯୁକ୍ତିକୁ ସମସ୍ତଙ୍କ ପାଖରେ ପହଂଚାଇବା ଏବଂ ରାଇଡର୍-ଫାଷ୍ଟ ମୋବିଲିଟି ସମାଧାନ ପ୍ରଦାନ କରିବା ପ୍ରତି ହିରୋ ମୋଟୋକର୍ପର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିଛି । "୧୨୫ମମ ସେଗମେଂଟରେ ଦ୍ରୁତ ପରିବର୍ତ୍ତନ ଦେଖାଯାଉଛି ଏବଂ ଗ୍ରାହକମାନେ ଆଧୁନିକ ଷ୍ଟାଇଲିଂ, ଉନ୍ନ ?ତ ପ୍ରଯୁକ୍ତି ଏବଂ ଅପରିହାର୍ଯ୍ୟ ସୁରକ୍ଷାର ସମନ୍ୱୟ ଆଶା କରୁଛନ୍ତି କ୍ଷଏହି ସେଗମେ[ର ପ୍ରଥମ ଫିଚର ସହିତ ଏହି ବର୍ଗରେ ଏକ ନୂଆ ପରିବର୍ତ୍ତନ ଆଣିଛି । ଏବେ ସେଗମେଂଟରେ ପ୍ରଥମଥର ପାଇଁ ଇଂଟିଗ୍ରେଟେଡ୍‌ଏ ବି ଏସ ଆଣି ଏହା କେବଳ ଏକ ମୋଟରସାଇକେଲକୁ ଅପଗ୍ରେଡ୍ କରୁନାହୁଁ; ବରଂ ସମଗ୍ର ସେଗମେଂଟର ସୁରକ୍ଷା ମାନଦଣ୍ଡକୁ ନୂଆ ରୂପ ଦେଉଛୁ ଓ ଏହି ଲଂଚ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିବା ସହ ନୂଆ ପିଢ଼ିର ଭାରତୀୟ ରାଇଡରଙ୍କୁ ସ୍ମାର୍ଟ, ଭବିଷ୍ୟତମୁଖୀ ମୋବିଲିଟି ସମାଧାନ ପ୍ରଦାନ କରିବ ଓ" ବିଭିନ୍ନ ପ୍ରକାରର ରାସ୍ତା ପରିସ୍ଥିତିରେ ଅଧିକ ତୀକ୍ଷ୍ଣ, ଦ୍ରୁତ ଏବଂ ନିର୍ଭରଯୋଗ୍ୟ ବ୍ରେକିଂ ପ୍ରଦର୍ଶନ ପ୍ରଦାନ କରେ ଓ ଏହା ଗ୍ଲାମର ଏକ୍ସର ପୂର୍ବରୁ ଥିବା ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକୁ ଆହୁରି ସମୃଦ୍ଧ କରିଛି । ଏଥିରେ ପାନିକ୍ ଆଲର୍ଟ ରହିଛି, ଯାହା ଜରୁରୀକାଳୀନ ବ୍ରେକିଂ ସମୟରେ ପଛରେ ଥିବା ଟ୍ରାଫିକ୍ ?କୁ ତୁରନ୍ତ ସତର୍କ କରିବା ପାଇଁ ଦ୍ରୁତ ଫ୍ଲାଶ୍ ହେଉଥିବାଏଲ୍ ଇ ଡି ଉଇଙ୍କର୍ଷ ବ୍ୟବହାର କରେ । ଏହା ସହିତ ହାଜାର୍ଡ ଲ୍ୟାମ୍ପସ୍ ମଧ୍ୟ ଜରୁରୀ ପରିସ୍ଥିତିରେ ସଙ୍କେତ ଦେବାରେ ସହାୟକ ହୁଏ । ଭବିଷ୍ୟତମୁଖୀ ଷ୍ଟାଇଲିଂ ଏବଂ ବୋଲ୍ଡ ଡିଜାଇନ୍ ଗ୍ଲାମର ଏକ୍ସ ୧୨୫ ଏକ ମସ୍କୁଲାର୍ ଏବଂ ସ୍କଲ୍ଟେଡ୍ ଡିଜାଇନ୍ ସହିତ ଆସିଛି, ଯାହା ନିଜ ମୋଟରସାଇକେଲ୍‌କୁ ଆକର୍ଷଣର କେନ୍ଦ୍ରବିନ୍ଦୁ କରିବାକୁ ଚାହୁଁଥିବା ରାଇଡରମାନଙ୍କ ପାଇଁ ଡିଜାଇନ୍ କରାଯାଇଛି ସ୍ପୋର୍ଟି ଗ୍ରାଫିକ୍ସ ମୋଟରସାଇକେଲ୍ ?କୁ ରାସ୍ତାରେ ଏକ ସ୍ୱତନ୍ତ୍ର ଏବଂ ଦମଦାର ଉପସ୍ଥିତି ପ୍ରଦାନ କରେ ଓଦୀର୍ଘ ଯାତ୍ରା ସମୟରେ ଥକାପଣକୁ କମାଇବା ସହ ଇନ୍ଧନ ଦକ୍ଷତାକୁ ମଧ୍ୟ ବଢ଼ାଇଥାଏ । ସୁବିଧା ଏବଂ ଆରାମ ସହଜ ଏବଂ ଆରାମଦାୟକ ଦୈନନ୍ଦିନ ରାଇଡିଂ ପାଇଁ ଡିଜାଇନ୍ କରାଯାଇଥିବା ଗ୍ଲାମର ଏକ୍ସ ୧୨୫ରେ ରହିଛି ଏକ ପ୍ରଶସ୍ତ ହ୍ୟାଣ୍ଡଲ୍ ?ବାର୍, ଯାହା ଆରାମଦାୟକ ରାଇଡିଂ ପୋଜିସନ୍ ପ୍ରଦାନ କରେ । ଏହାଏହା ଗ୍ଲାମର ଏକ୍ସ ର ନୂଆ ପିଢ଼ିର ରଙ୍ଗ ପ୍ୟାଲେଟ୍ ?କୁ ଆହୁରି ବିସ୍ତୃତ କରିଛି । ଏହି ନୂଆ ଭାରିଆଂଟ ଦେଶର ବିଭିନ୍ନ ସ୍ଥାନରେ ହିରୋ ମୋଟୋ କର୍ପ ଡିଲରସିପ୍ ଗୁଡ଼ିକରେ ୯୯,୯୦୦ ଟଙ୍କା ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ ।







# ବିପର୍ଯ୍ୟୟ ସମୟରେ ମାନସିକ-ସାମାଜିକ ସହାୟତା ସୁଦୃଢ଼ ଉପରେ ଗୁରୁତ୍ୱ



ନୟାଗଡ଼ ,(ନି.ପ୍ର.) ବିପର୍ଯ୍ୟୟ ପ୍ରବଣ ଅଂଚଳରେ ମାନସିକ-ସାମାଜିକ ଯତ୍ନ ବୃଦ୍ଧି ବିଷୟବସ୍ତୁ ନେଇ ଏକ ତିନିଦିନିଆ ଜିଲାସ୍ତରୀୟ ପ୍ରଶିକ୍ଷକ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ପରିସରସ୍ଥିତ ଡି,ପି.ଆର.ସି ପ୍ରଶିକ୍ଷଣ ଗୃହରେ ଉଦଯାପିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତପତି ରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସମୟରେ ମାନସିକ ଓ ସାମାଜିକ ସହାୟତା ପ୍ରଦାନ ସହ ତୃଣମୂଳ ସ୍ତରରେ ସମୁଦାୟିକ ସ୍ଥିରତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ତାଲିମ ପ୍ରଦାନ କରାଯାଇଛି । ବିପର୍ଯ୍ୟୟ ଯୋଗୁଁ ଶାରୀରିକ ଓ ଆର୍ଥିକ କ୍ଷତି ସହ ଲୋକମାନେ ଭୟ, ଚିନ୍ତା, ଦୁଃଖ ଓ ଭାବପ୍ରବଣ ଚାପ ଭଳି ବିଭିନ୍ନ ମାନସିକ ଆହ୍ୱାନର ସମ୍ମୁଖୀନ ହେଉଥିବାରୁ ଏଭଳି ସହାୟତାର ଗୁରୁତ୍ୱ ଉପରେ ତାଲିମରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ତାଲିମରେ ମାନସିକ ପ୍ରାଥମିକ ଚିକିତ୍ସା, ମାନସିକ-ସାମାଜିକ ଯତ୍ନ, ମାନସିକ କଷ୍ଟର ପ୍ରାଥମିକ ଚିହ୍ନଟ, ସହାୟକ ଯୋଗାଯୋଗ ଏବଂ ଆବଶ୍ୟକତା ଅନୁଯାୟୀ ରେଫରଲ୍ ବ୍ୟବସ୍ଥା ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ବିପର୍ଯ୍ୟୟ ସମୟରେ ଅନ୍ୟମାନଙ୍କୁ ସହାୟତା କରିବା ସହିତ ନିଜର ମାନସିକ ସୁସ୍ଥତା ଓ ଭାବନାତ୍ମକ ସନ୍ତୁଳନ ବଜାୟ ରଖିବା ଉପରେ ମଧ୍ୟ ପ୍ରଶିକ୍ଷାର୍ଥୀମାନଙ୍କୁ ସଚେତନ କରାଯାଇଥିଲା । ବିଭିନ୍ନ ଅଧିବେଶନରେ ପାରସ୍ପରିକ ଆଲୋଚନା, ବ୍ୟବହାରିକ ଅଭ୍ୟାସ, ମାମଲାଭିତ୍ତିକ ଶିକ୍ଷା ଓ ଅଭିଜ୍ଞତା ବିନିମୟ ମାଧ୍ୟମରେ ବିପର୍ଯ୍ୟୟ ସମୟରେ ଲୋକ କୈନ୍ଦ୍ରିକ ଓ ସମ୍ବେଦନଶୀଳ ଆଭିମୁଖ୍ୟ ଅବଲମ୍ବନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁନରୁଦ୍ଧାର ପର୍ଯ୍ୟାୟରେ ବିଭିନ୍ନ ବିଭାଗ, ସ୍ୱାସ୍ଥ୍ୟ ଓ ସାମାଜିକ-ଯତ୍ନ କର୍ମଚାରୀ, ବିପର୍ଯ୍ୟୟ ପରିଚାଳନା କର୍ମକର୍ତ୍ତା ଏବଂ ସମ୍ପ୍ରଦାୟସ୍ତରୀୟ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷିତ ରିସୋର୍ସ ପର୍ସନ ସମୂହମାନଙ୍କର ଏକ ଦକ୍ଷ ପୁଲ୍ ସୃଷ୍ଟି କରାଯାଇଛି, ଯେଉଁମାନେ ପରବର୍ତ୍ତୀ ସମୟରେ ସମ୍ପ୍ରଦାୟସ୍ତରୀୟ କର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କୁ ମାନସିକ- ସାମାଜିକ ସହାୟତା ସମ୍ପର୍କିତ ଜ୍ଞାନ ଓ ବ୍ୟବହାରିକ ଦକ୍ଷତା ପ୍ରଦାନ କରିପାରିବେ । ଉଦ୍ ?ଯାପନୀ ଅବସରରେ ପ୍ରଶିକ୍ଷଣ ସଫଳତାର ସହ ଶେଷ କରିଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଜିଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ନୟାଗଡ଼ ପକ୍ଷରୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓସ୍‌ଡମା), ଭୁବନେଶ୍ୱରଙ୍କ ସହଯୋଗରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ନୟାଗଡ଼ ଶ୍ରୀମତୀ ରୋଜିନା ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତପତୀ ରାଜ, ଢଫଉଗଇର ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଙ୍ଗୀତା ଦାଶ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଡ଼ି. ସିବିୟାନ୍ , ଉଚଉ ମମତା ସସ୍ମିତା, ଦଶପଲ୍ଲା ମେଡିକାଲ ଅଫିସର ଡା. ଗଣେଶଙ୍କ ସମେତ ଜିଲ୍ଲାର ବିଭିନ୍ନ ଆଇସିଡ଼ିଏସ ସୁପରଭାଇଜର, ନୋଡାଲ ଏନ୍‌ଜିଓ ପ୍ରତିନିଧି, ୱାନ ଷ୍ଟପ ସେଂଟର ସମନ୍ୱୟକ ଓ ଅନ୍ୟମାନେ ଯୋଗଦେଇଥିଲେ ।

# ଭିକ୍ଷୁକ ଥଇଥାନ କେନ୍ଦ୍ର ଉଦ୍‌ଘାଟିତ



ବ୍ରହ୍ମପୁର(ନି.ପ୍ର.) : ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟରେ ସହ ?ୟତାରେ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଗଞ୍ଜାମ ଓ ଜିଲ୍ଲା ପ୍ରଶାସନ, ଗଞ୍ଜାମର ଅନୁକୁଲ୍ୟ ରେ ତଥା 'ବିକାଶ ଅନୁଷ୍ଠାନ' ର ପରିଚାଳନାରେ କାର୍ଯ୍ୟକାରୀ ହେବାକୁ ଥିବା ଆସ୍ଥା ନିଳୟ ନାମକ ଭିକ୍ଷୁକ ଥଇଥାନ କେନ୍ଦ୍ର ଉଦ୍ ?ଘାଟିତ ହୋଇଯାଇଛି । ଏହି ଉଦ୍ ?ଘାଟନ କାର୍ଯ୍ୟକ୍ରମରେ ଶ୍ରୀ କୃଷ୍ଣଚନ୍ଦ୍ର ବେହେରା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀମତୀ ସସ୍ମିତା କୁମାରୀ ସାହୁ ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀମତୀ ସସ୍ମିତା ସ୍ୱାଇଁ ଛତ୍ରପୁର ଉପଖଣ୍ଡ ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ, କୁମାରୀ ଆକାଶିନୀ ନାୟକ, ଗୋଷ୍ଠୀ ସ୍ତରୀୟ ସାମାଜିକ ଅଧିକାରୀ, ଶ୍ରୀ ନାରାୟଣ ମହାପାତ୍ର, ପୋଲିସ ଅଧିକାରୀ, ବୈଦ୍ୟନାଥପୁର ଥାନା, ଶ୍ରୀ କେ ହରିହର ରାଓ, ଚେୟାରମ୍ୟାନ ବିକାଶ ଅନୁଷ୍ଠାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥଇଥାନ କେନ୍ଦ୍ର ର ଉଦ୍ ?ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିକାଶ ଅନୁଷ୍ଠାନର ସମ୍ପାଦକ ଆଶୁତୋଷ ହୋତା, କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ସୁସାନ୍ତ କୁମାର ବେହେରା ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ । ଉଦ୍ ଘାଟନ ଶେଷରେ ଅତିଥି ? ମାନେ ଥଇଥାନ କେନ୍ଦ୍ର ପରିଦର୍ଶନ କରିବା ସହିତ ଥଇଥାନ କେନ୍ଦ୍ରରେ ଉଦ୍ଧାର ହୋଇ ଆସିଥିବା ଭିକ୍ଷାବୃତିରେ ସଂପୃକ୍ତ ବ୍ୟକ୍ତା ମାନଙ୍କ ସହିତ ମତ ବିନିମୟ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ସୁରେନ୍ଦ୍ର କୁମାର ବେହେରା, ଜ୍ଞାନ ରଞ୍ଜନ ରାଉତ, ବିଭୂତି ଭୂଷଣ ଜେନା ଓ ଅନ୍ୟାନ୍ୟ ବ୍ୟକ୍ତିମାନେ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହ ?ଯୋଗ କରିଥିଲେ । ଏହି ଥଇଥାନ କ୍ରେନ୍ଦ୍ରଟି ଆଗାମୀ ଗଞ୍ଜାମ ଜିଲ୍ଲାକୁ ଭିକ୍ଷା ମୁକ୍ତ କରିବା ସ ?ହିତ ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରି ସେମାନଙ୍କୁ ଥଇଥାନ କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅତିଥିମାନେ ମତ ପ୍ରଦାନ କରିଥିଲେ ।

# ରେସ୍ତୋରାଁ କର୍ମଚାରୀଙ୍କ ବିରୋଧରେ ଏଟିଏମ୍ କାର୍ଡ ଚୋରି ଅଭିଯୋଗ;

ବ୍ରହ୍ମପୁର(ନି.ପ୍ର.) : ବ୍ରହ୍ମପୁର ରେଲଷ୍ଟେସନ ରୋଡ୍‌ରେ ଥିବା ସିଟି କିଚେନ୍ ରେସ୍ତୋରାଁରେ ଏଟିଏମ୍ କାର୍ଡ ଚୋରି ଓ ଟଙ୍କା ଉଠାଣ ଅଭିଯୋଗ ସାମ୍ନାକୁ ଆସିଛି । ରେସ୍ତୋରାଁର ଜଣେ କର୍ମଚାରୀ ଏଟିଏମ୍ କାର୍ଡ ନେଇ ବ୍ୟାଙ୍କ ଆକାଉଂଟରୁ ୧୮ରୁ ୨୦ ହଜାର ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଏନେଇ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ନେହେରୁ ନଗର ଅଷ୍ଟମ ଲାଇନ୍‌ର ସୁବାସ ମଲ୍ଲିକ (୪୬) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ଗତ ୭ ତାରିଖ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସୁବାସ ରେସ୍ତୋରାଁକୁ କାର୍ଯ୍ୟ ପାଇଁ ଆସିଥିଲେ । ଏହି ସମୟରେ ସେଠାରେ କାର୍ଯ୍ୟରତ ବିଶ୍ୱନାଥ ବେହେରା ତାଙ୍କ ଏଟିଏମ୍ କାର୍ଡ ନେଇ ଛତ୍ରପୁର ଶାଖାରୁ ପ୍ରାୟ ୧୮ରୁ ୨୦ ହଜାର ଟଙ୍କା ଉଠାଇ ନେଇଥିବା ସେ ଅଭିଯୋଗ କରିଛନ୍ତି । ଘଟଣା ଜଣାପଡ଼ିବା ପରେ ସୁବାସ ସେହିଦିନ ରାତି ପ୍ରାୟ ୧୦ଟା ୪୫ ମିନିଟ୍‌ରେ ଗୋଷାଣୀନୂଆଗାଁ ଥାନାରେ ପହଂଚି ଲିଖିତ ଏତଲା ଦେଇଥିଲେ । ଅଭିଯୋଗକୁ ଆଧାର କରି ଗୋଷାଣୀନୂଆଗାଁ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ନୀଳଗିରି କଲେଜରେ ତିନି ଦଳର ସଭାପତି ଓ ସମ୍ପାଦକ ଙ୍କ ନାମାଙ୍କନ ପତ୍ର ଦାଖଲ




ନୀଳଗିରି, (ନି.ପ୍ର.) ଆସନ୍ତା ୧୫ ତାରିଖ ରେ ସମଗ୍ର ଓଡ଼ିଶା ରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବା ବେଳେ ଶୁକ୍ରବାର ଦିନ ସଭାପତି ଓ ସମ୍ପାଦକ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନୀଳଗିରି ମହାବିଦ୍ୟାଳୟ ରେ ଛାତ୍ର ବିଜେଡି ପକ୍ଷରୁ ସାଧାରଣ ସଂପାଦକ ଭାବେ ସାଗର ପାତ୍ର, ସଭାପତି ଭାବେ ଧରଶ୍ରୀ ନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଛାତ୍ର କଂଗ୍ରେସ ପକ୍ଷରୁ ସୁରେଶ କୁମାର ମଲ୍ଲିକ ସଭାପତି ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସାଧାରଣ ସମ୍ପାଦକ ଭାବରେ ଯୋଗେଶ୍ୱର ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜଗଦିଶ୍ ଦାସ ସଭାପତି ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସାଧାରଣ ସମ୍ପାଦକ ଭାବରେ ଅପର୍ଣ୍ଣା ମହାନ୍ତି ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜୟନ୍ତୀ ପାଳିତ !

ଜଳେଶ୍ୱର (ନି.ପ୍ର ) ଶୁକ୍ରବାର ଜଳେଶ୍ୱର ମୁନସୀ ପାଳିଟି ଅଧିନସ୍ଥ ଦେଉଳି ପଂଚୁଘଂଟା ସ୍ଥିତ ଦିଗମ୍ବରୀ ଦେବୀ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସାର କ୍ରିଷ୍ଣା ନର୍ସିଂ କଲେଜ ଓ ଡି ଫାର୍ମ କଲେଜ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ଉପ ସଭାପତି ଅନୁଷ୍ଠାନ ର ଚେୟାରମେନ ଅଧକ୍ଷ ଶିକ୍ଷାବିତ ଡଃ ଅଜିତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ଦାସ ଙ୍କ ୧୪୯ ତମ ପୁଣ୍ୟ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ସଭା ପ୍ରାୟମ୍ଭ ରେ ପ୍ରସିଦ୍ଧ ଚଳଚିତ୍ର ତାରକା ନାନା ପାଟେକର ଙ୍କ ପରଲୋକ ଗମନରେ ତାଙ୍କ ର ଆତ୍ମା ର ସଦଗତି ଉଦ୍ଦେଶ୍ୟ ରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା ! ଗୋ !ପବଂଧୁ ଦାସ ଙ୍କ ସମ୍ପର୍କ ରେ କହିଥିଲେ ତାଙ୍କର ଅମ୍ଳାନ ସ୍ମୃତି ବଖାଣି ଥିଲେ ତାଙ୍କର ଅନ ବଦ୍ୟ ସ ?ଷ୍ଟି ମିଶୁ ମୋ !ର ଦେହ ଏ ଦେଶ ମାଟିରେ ଦେଶ ବାସୀ ଚାଲି ଯାନ୍ତୁ ପିଠିରେ ଦେଶର ସ୍ୱରାଜ୍ୟ ପଥେ ଗାଢ ପୁରୁ ତହିଁ ପଡି ମୋ !ର ମାଂସ ହାଡ !କାରାଗାର କୁ ଯାଉ ଥିଲା ବେଳେ ରହ ରହ କ୍ଷଣେ ବାଷ୍ପୀୟ ସକଟ, ଦେଖିବି ଚିଲିକା ଚାରୁ ଚିତ୍ର ପଟ !ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ର ସଭାପତି କମଳ ଚକ୍ରବର୍ତ୍ତୀ, ବରେଣ୍ୟ ଅତିଥି ଭାବରେ ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ବକ୍ତବ୍ୟରେ ପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ଦାସ ଙ୍କ ସାରସ୍ୱତ ସାଧନା ଜନସେବା ସମ୍ପର୍କ ରେ ଆଲୋକ ପାତ କରିଥିଲେ । ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ,ସମ୍ପାଦିକା ମଧୁଛନ୍ଦା ମହାନ୍ତି ବକ୍ତବ୍ୟ ରେ କହିଥିଲେ ଗୋ !ପବନ୍ଧୁ ସ ?ଷ୍ଟି ର ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ, ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ! ଅଧକ୍ଷ ଆଇ ଟି ଆଇ ପ୍ରକାଶ କୁମାର ଦିନ୍ଦା,କବି ସୁଶୀଲ କୁମାର ମାହାନା ବକ୍ତବ୍ୟ ରେ ପଛ ଘୁଂଚା ନାହିଁ ବୀରର ଜାତକେ ନମରେସେ କେବେ ପରାଣ ଆତଙ୍କେ !ଅଧାପକ ମାନସ କୁମାର ମାଇତି,ଅଧାପକ ସ୍ୱରାଜ କୁମାର ଜେନା, ଜିତୁ ଦତପ୍ରଭୃତି ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପି.ଏମ୍.ଶ୍ରୀସରକାରୀ ଉଚ୍ଚବିଦ୍ୟାଳୟରେ ଦକ୍ଷତା ବୃଦ୍ଧି ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ନୟାଗଡ (ନି.ପ୍ର.)-ନୂଆଗାଁ ସଦର ମହକୁମାରେ ଅବସ୍ଥିତ ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଦକ୍ଷତା ବୃଦ୍ଧି ତଥା ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (ଗକ୍ଟରରଈଉଉ) ଏବଂ ଓଡ଼ିଶା ସରକାରଙ୍କ ପରିବେଶ ଅଧ୍ୟୟନ କେନ୍ଦ୍ର (ଉରଝ) ର ମିଳୁତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । 'ପ୍ରାକୃତିକ ଶିଳ୍ପକଳା ଏବଂ ପରିବେଶ ଅନୁକୂଳ ପଦକ୍ଷେପ' । ମୁଖ୍ୟ ବାର୍ତ୍ତା: 'ଏକ ପରିଷ୍କାର, ସବୁଜ ଆଗାମୀ କାଲି ପାଇଁ ଏକାଠି' ଏବଂ 'ଛୋଟ ପଦକ୍ଷେପ, ବଡ଼ ପ୍ରଭାବ' ।ସମ୍ମାନିତ ଅତିଥି ତଥା ବକ୍ତା ଭାବେ ଡଃ. ଗିରିଜା ଶଙ୍କର ମହାପାତ୍ର ଯୋଗଦେଇ ପ୍ରାକୃତିକ ସମ୍ପଦର ସଦପ୍ରୟୋଗ ଏବଂ ପରିବେଶ ଅନୁକୂଳ କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ । ପରିବେଶ ଅଧ୍ୟୟନ କେନ୍ଦ୍ର (ଉରଝ) ପକ୍ଷରୁ ମାଷ୍ଟର ଟ୍ରେନର ସନ୍ତୋଷ ଚନ୍ଦ୍ର କର ଏବଂ ପ୍ଲାନିଂ ଆସିଷ୍ଟାଂଟ ଭରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ବିଦ୍ୟାଳୟର ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନୂଆଗାଁ ବ୍ଲକର ବିଭିନ୍ନ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷାପ୍ରେମୀମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।ଏହି ଶିବିରକୁ ସରସ ସୁନ୍ଦର କରିବାରେ ରୋଜାଲିନ ମିଶ୍ର , ବିଭୂପ୍ରସାଦ ନନ୍ଦ ସନ୍ତୋଷ କୁମାର ସାହୁ, ମଧୁସ୍ମିତା ଦାସ ଏବଂ ପ୍ରହ୍ଲାଦ ସାହୁ ପ୍ରମୁଖ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶେଷରେ ନୂଆଗାଁ ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଝାରସୁଗୁଡ଼ାର କ୍ରିକେଟ ଖେଳାଳି କର୍ଣ୍ଣେଲ ସି.କେ.ନାୟୁଡୁ ଟ୍ରଫିରେ ସ୍ଥାନ ପାଇଲେ

ଝାରସୁଗୁଡା(ନି.ପ୍ର.)-ଝାରସୁଗୁଡ଼ା କ୍ରିକେଟ ଆସୋସିଏସନର ଖେଳାଳି ଆର୍ଯ୍ୟନ ତିୱାରୀ ଓଡିଶା ଅଣ୍ଡର-୨୩ ବର୍ଷ ବୟସ୍କ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି । ସୁଚନା ଯୋଗ୍ୟ ଯେ ତିୱାରୀ ଓଡିଶା ଦଳରୁ ବର୍ତ୍ତମାନ କର୍ଣ୍ଣେଲ ସି.କେ.ନାୟୁଡୁ ଟ୍ରଫିରେ ସ୍ଥାନ ପାଇଥିବାରୁ ଝାରସୁଗୁଡ଼ା କ୍ରିକେଟ ପ୍ରେମୀ ମାନଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି ଓ ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି । ଆର୍ଯ୍ୟନ ତିୱାରୀ ଝାରସୁଗୁଡ଼ା କ୍ରିକେଟ ଦଳରୁ ଗତ ଆଠ ବର୍ଷ ଧରି ସବ-ଜୁନିୟର,ଜୁନିୟର ଦଳରୁ ପ୍ରତିନିଧିତ୍ୱ କରିଥିଲେ ।



# ନୀଳଗିରି ବ୍ଲକରେ ଦୁର୍ନୀତି ନେଇ ବିଜେଡିର ପ୍ରତିବାଦ ସଭା

ନୀଳଗିରି-(ନି.ପ୍ର) ନୀଳଗିରି ବ୍ଲକରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତାକୁ ନେଇ ଆଜି ବିଜେଡିପକ୍ଷରୁ ବ୍ଲକସମ୍ମୁଖରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି । ସଭାପୂର୍ବରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ବହୁ ବିଜୁପ୍ରେମୀ ଓ କର୍ମୀ ନୀଳଗିରି ସହରର ବାଇପାସ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତରହି ମାଲ୍ୟାର୍ପଣ କରିଥିଲେ । ପରେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ବିଜେପି ବିରୋଧୀ ନାରାଦେଇ ବଜାର ପରିକ୍ରମା କରିବାପରେ ବ୍ଲକ ସମ୍ମୁଖରେ ପହଂଚିଥିଲେ ।ବ୍ଲକ ସମ୍ମୁଖରେ ଆୟୋଜିତସଭାରେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ସଭାପତିତ୍ୱକରି ସ୍ଥାନୀୟ ବିଡ଼ିଓ ବିକ୍ରମକେଶରୀ ପରିଡା, ତାଙ୍କ ସ୍ତ୍ରୀ ତହସିଲଦାର ସୋନମ ଦାସ ସରକାରୀ ନିୟମକୁ ଉଲଂଘନକରି ବେଆଇନ ଓ ମନମୁଖୀ କାର୍ଯ୍ୟକରୁଥିବା ସହ ବିଜେପି ସରକାରଙ୍କ ଶାସନକୁ ସମାଲୋଚନା କରିଥିଲେ । ବିଶେଷକରି ନୀଳଗିରି ବ୍ଲକରେ ରାସନ , ଭତା, ଜିପିଏଲଏଫ ବିଲିଡିଂ , ଆବାସଘର, ଏସଏଫସି, ବିଜିବିଓ,ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା,ସୁବିଧା ଗୃହ ,ସୌରଶକ୍ତି ଯୋଗାଣ ପ୍ରଦାନରେ ବିଡିଓ ସରକାରୀ ନିୟମ କୁ ଜଳାଞ୍ଜଳି ଦେଇ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ନୀଳଗିରି ବିଡ଼ିଓଙ୍କ ମେରୀ ରାଏ ନୀତିକୁ ସମାଲୋଚନା କରିବାସହିତ ବିଜେପି ସରକାରକୁ 'ଲୁଟ୍ ସରକାର' ବୋଲି ସମାଲୋଚନା କରି ସ୍କୁଲ ପିଲାଙ୍କ ପୋଷାକରୁ ଶାସକଦଳର ବିଧାୟକ ପିସି ନେବାକୁ ପଛାଉନାହାନ୍ତି ବୋଲି ଅଭିଯୋଗ କରିଥିଲେ । ବିଜେଡ଼ି ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଆଗାମୀ ପଂଚାୟତ ନିର୍ବାଚନପାଇଁ କର୍ମୀଙ୍କୁ ପ୍ରସ୍ତୁତ ହେବାକୁ କହିଥିଲେ ।ବିଜେପି ଶାସନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ପଂଚାୟତ ନିର୍ବାଚନପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେବାସହ ନାରୀ ଅସୁରକ୍ଷିତ ଏବଂ ଦରଦାମ ବୃଦ୍ଧି ଯୋଗୁଁ ଲୋକେ ପ୍ରତାରିତ ହୋଇଛନ୍ତି ବୋଲି କହିଛନ୍ତି । ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା , ଜିଲ୍ଲା ମହିଳା ବିଜେଡି ସଭାପତି ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ,ପୂର୍ବତନ ଉପାଧ୍ୟକ୍ଷ ଶ୍ରୀମତୀ କମଳା ପରିଡା, ପୂର୍ବତନ ଅଧକ୍ଷ ରାଧାଗୋବିନ୍ଦ ଖଟୁଆ,ଜିଲ୍ଲା ଉପସଭାପତି ରବୀନ୍ଦ୍ର ପରିଡା ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର ନିଜନିଜ ବକ୍ତବ୍ୟରେ ବିଡ଼ିଓଙ୍କ ମନମୁଖୀ ବେଆଇନ କାର୍ଯ୍ୟକୁ ବିଜେଡି ଉଚିତ ଜବାବଦେବ ବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ରାମକୃଷ୍ଣ ମହାପାତ୍ର,ଯୁବନେତା ଉପେନ୍ଦ୍ର ଦାସ,ସରପଂଚ କୁଳମଣି ନାୟକ,ଚାଷୀନେତା ଧୀରେନ୍ଦ୍ର ବେହେରା, ସରପଂଚ ସଞ୍ଜୟ ସିଂ,ସରପଂଚ ସୁରଥ ସିଂ, ଅଭିମନ୍ୟୁ କର ,ଧୀରେନ୍ଦ୍ର ମୁଦୁଲି, ଗଙ୍ଗାଧର ବିଶ୍ୱାଳ, ହେମେନ୍ଦ୍ର ରାଜ ପ୍ରମୁଖ ବିଜେପି ସରକାରକୁ ସମାଲୋଚନା କରିବାସହ ବିଜେଡିର ୨୪ବର୍ଷର ଶାସନ ସମ୍ପର୍କରେ ମତ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମ ନଟୁ ସରକାର, ବବୁଲା ମହାନ୍ତି,ସୁନିଲ ପ୍ରଧାନ, ଗଙ୍ଗାଧର ସିଂ, କ୍ଷେତ୍ରମୋହନ ସିଂ, ପ୍ରକାଶ ସିଂ, ଚନ୍ଦନ ନାୟକ, ଶମ୍ଭୁ ନାଥ ବେହେରା, ନଗରସଭାପତି ଅଚ୍ୟୁତ ପ୍ରଧାନ,ମହେଶ୍ୱର ଗୋଛୟତ, ମାନସ ରାଉତ, ମାନସ ସ୍ୱାଇଁଙ୍କ ସମେତ ବହୁ ଯୁବକ ପରିଚାଳନାରେ ସହଯୋଗ କରିଥିଲେ ।

# ପୂର୍ବତନ ବିଧାୟକ ମାନସ ରଞ୍ଜନ ମଲ୍ଲିକଙ୍କ ୧୪ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଧାମନଗର(ନି.ପ୍ର.) ଧାମନଗର ବ୍ଲକ ହସନାବାଦ ଗ୍ରାମ ପଂଚାୟତ ସ୍ଥିତ ହୃଦାନନ୍ଦ କଲ୍ୟାଣ ମଣ୍ଡପଠାରେ ଧାମନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ୧୪ ତମ ଶ୍ରାଦ୍ଧ ବାର୍ଷିକୀ ମାନସ ରଞ୍ଜନ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଅଭିଜ୍ଞ ଡାକ୍ତର ଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ସେବା ଓ ମାଗଣା ଚକ୍ଷୁ ଶିବିର ଶହ ରୋଗୀ ଙ୍କୁ ମାଗଣା ଚଷମା ଔଷଧ ପ୍ରଦାନ କରାଯାଇଥିଲା ବିଭିନ୍ନ କ୍ଷେତ୍ରରେ ସମାଜସେବା ଓ ଜନସେବା ପାଇଁ ଅନେକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସ୍ମୃତି କମିଟିର ସଭାପତି ଦେବାଶିଷ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ । ତାଙ୍କ ପରିବାର ତିନି ପିଢ଼ି ଧରି ଲୋକଙ୍କ ସେବାରେ ନିୟୋଜିତ ରହିଆସିଥିବା ସେ ନିଜ ବକ୍ତବ୍ୟରେ କହିଥିଲେ ।ଅନ୍ୟ ଅତିଥିଙ୍କ ମଧ୍ୟରେ ଭଣ୍ଡାରୀ ପୋଖରି ବିଧାୟକ ସଞ୍ଜିବ ମଲିକ, ଆଇନିଯିବି ଦିବ୍ୟ ସିଂହ ନାୟକ, ଧାମନଗର ପଂଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନ୍ ?ଏସି ଅଧକ୍ଷା ନିବେଦିତା ଜେନା,ଭଦ୍ରକ ଜିଲ୍ଲା ପରିଷଦ ଉପାଧକ୍ଷ ଟୁନିବାଳ ବିଶ୍ୱାଳ ,ଭଦ୍ରକ ଜିଲ୍ଲା ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ବିଦୁଲତା ନାୟକ, ହସନାବାଦ ସରପଂଚ ଅଜୟ ମଲିକ, ଅସୁରାଳି ଜିଲ୍ଲା ପରିଷଦ ସଦସ୍ୟ ଶାରଦା ପ୍ରସନ୍ନ ସାହୁ, ଧାମନଗର ପଂଚାୟତ ସମିତିର ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିସହ ବନ୍ୟା ସମୟରେ ଜନସାଧାରଣଙ୍କୁ ଉତମ ସେବା ଓ ସାମ୍ବାଦିକ ତା ପାଇ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇ ଥିଲା ।ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲିକ ଅତିଥି ଙ୍କୁ ମଂଚ ଆମନ୍ତ୍ରଣ କରିଥିବା ବେଳେ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ସୁପୁତ୍ର ଅମିତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁନା ଅଳଙ୍କାର ସଫା କରିବା ବାହାନାରେ ଚୋରି;

## ଦୁଇହଳ କାନଫୁଲ ନେଇ ଦୁର୍ବୃତ ଚମ୍ପଟ

ବ୍ରହ୍ମପୁର(ନି.ପ୍ର.): ସୁନା ଅଳଙ୍କାର ସଫା କରିବା ବାହାନାରେ ଘରେ ପଶି ଦୁଇହଳ ସୁନା କାନଫୁଲ ଚୋରି କରି ଦୁଇ ଅଜଣା ଯୁବକ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି । ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଭାଗୀରଥି ନଗର ପ୍ରଥମ ଲାଇନ୍ ?ର ଅନିତା ସାହୁଙ୍କ ଘରେ ଏଭଳି ଘଟଣା ଘଟିଛି । ଅଭିଯୋଗ ଅନୁସାରେ, ଗତ ୭ ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଦୁଇ ଅଜଣା ଯୁବକ ଅଳଙ୍କାର ସଫା କରିବାକୁ କହି ତାଙ୍କ ଘରକୁ ଆସିଥିଲେ । ଜଣେ ଯୁବକ ଅନିତାଙ୍କ ସ୍ୱାମୀଙ୍କୁ କଥାରେ ବ୍ୟସ୍ତ ରଖିଥିବା ବେଳେ ଅନ୍ୟଜଣେ ଦୁଇହଳ ସୁନା କାନଫୁଲ ସଫା କରିବା ଆଳରେ ଏକ ଡବାରେ ରଖିଥିଲେ । ପାଂଚ ମିନିଟ୍ ? ପରେ ଡବା ଖୋଲିବାକୁ କହି ଦୁହେଁ ସେଠାରୁ ଚାଲିଯାଇଥିଲେ । ପରେ ଡବା ଖୋଲିବା ବେଳେ ସେଥିରେ କାନଫୁଲ ନଥିବା ଜଣାପଡ଼ିଥିଲା । ଚୋରି ହୋଇଥିବା ଅଳଙ୍କାରର ମୂଲ୍ୟ ପ୍ରାୟ ୧୫ ହଜାର ଟଙ୍କା ବୋଲି ଜଣାପଡ଼ିଛି । ଏନେଇ ଅନିତାଙ୍କ ଅଭିଯୋଗକୁ ଆଧାର କରି ଗୋଷାଣୀନୂଆଗାଁ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ମର୍ଯ୍ୟାଦା ଏବଂ ନମ୍ରତାର ଗୁଣ ଉପରେ ଗୁରୁତ୍ୱାରୋପ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମର୍ଯ୍ୟାଦା ଏବଂ ନମ୍ରତାର ଗୁଣ ଉପରେ ଗୁରୁତ୍ୱ ଦେଇ ଏକ ସଂସ୍କୃତ ସୁଭାଷିତମ୍ ବାଂଟିଛନ୍ତି: 'ବାଛୁରୀମାନଙ୍କର ରାଜା ମଧ ତାଙ୍କୁ ଗ୍ରହଣ କରିଥିଲେ ଏବଂ ତାଙ୍କୁ ଏକ ଉପହାର ଦେଇଥିଲେ । ସେ ସେମାନଙ୍କୁ ପ୍ରେମରେ ସମ୍ମାନିତ କରିଥିଲେ କାରଣ ବୀରମାନେ ନମ୍ର ହେବାକୁ ପସନ୍ଦ କରନ୍ତି । ଏହି ପଦ୍ୟ ଅନ୍ୟମାନଙ୍କୁ ମର୍ଯ୍ୟାଦାର ସହିତ ସ୍ୱାଗତ କରିବା ଏବଂ ନମ୍ରତାର ସହିତ ଆସୁଥିବା ଲୋକଙ୍କୁ ସମ୍ମାନ ଏବଂ ଉଷ୍ମତା ପ୍ରଦାନ କରିବାର ମହାନ ପରମ୍ପରାକୁ ଗୁରୁତ୍ୱାରୋପ କରେ । ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି: ବାଛୁରୀମାନଙ୍କର ରାଜା ଯେତେବେଳେ ଆସିଲେ ତାଙ୍କୁ ଉପହାର ମଧ ଦେଇଥିଲେ । ନାୟକମାନେ ନମ୍ର ହେବାକୁ ପସନ୍ଦ କରନ୍ତି ଏବଂ ତାଙ୍କୁ ସ୍ନେହରେ ସମ୍ମାନିତ କରନ୍ତି ।

## ଛାତ୍ର ସଂସଦ ନିର୍ବାଚନ କାଉଂଟଡାଉନ, ଆଜି ଦାଖଲ ହେବ ପ୍ରାର୍ଥିପତ୍ର



ଭୁବନେଶ୍ୱର: ବୁଧବାର ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା । ଆଜି ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ । ଆରମ୍ଭ ହୋଇଯାଇଛି କାଉଂଟଡାଉନ । ଛାତ୍ର ସଂସଦ ନିର୍ବାଚନ ପାଇଁ ସରଗରମ କଲେଜ କ୍ୟାମ୍ପସ୍ । ଆଜି ପ୍ରାର୍ଥିପତ୍ର ଦାଖଲ ହେବ । ହାତରେ କମ୍ ସମୟ ଥିବାରୁ ନିଜ ନିଜ ସପକ୍ଷରେ ପିଲାଙ୍କୁ ଟାଣିବାକୁ ଚାଲିଛି କସରତ । ଦୀର୍ଘ ୮ ବର୍ଷ ପରେ କ୍ୟାମ୍ପସ୍‌କୁ ରାଜନୀତି ଫେରିଥିବାରୁ କ୍ଲାସ୍‌ରୁମ୍‌ରୁ ହଷ୍ଟେଲ ସବୁଠି କୋଳାହଳ । କ୍ୟାମ୍ପସରେ ନିର୍ବାଚନ ନାମାଙ୍କନ ପୂର୍ବରୁ କ୍ଲାସ୍‌ରୁମ୍ କ୍ୟାମ୍ପେନ୍‌କୁ ଅଧିକରୁ ଅଧିକ ଗୁରୁତ୍ୱ ଦେଇଛନ୍ତି ଆଶାୟୀ ପ୍ରାର୍ଥୀମାନେ । ପ୍ରଚାରରେ ଲାଗିପଡ଼ିଲେଣି ଆଶାୟୀ ପ୍ରାର୍ଥୀ । ଉଚ୍ଚଶିକ୍ଷା ବିଭାଗର ସୂଚନା ଅନୁସାରେ, ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟ ଓ ୩୨୮ଟି ମହାବିଦ୍ୟାଳୟରେ ହେବ ନିର୍ବାଚନ । ସେହିଭଳି ୩ଟି ବିଶ୍ୱବିଦ୍ୟାଳୟ ଓ ୨୦୨ଟି ମହାବିଦ୍ୟାଳୟରେ ଚୟନ ପଦ୍ଧତିରେ ବାଛିବେ ଛାତ୍ରନେତ । କ୍ୟାମ୍ପସ୍‌ରେ ଚକ୍‌ଲେଟ୍, ବିରିୟାନୀ, ପୁସିଂକାର୍ଡ ବାଂଟି, ମିଠା ଖୁଆଇ, କେକ କାଟି ଛାତ୍ରଛାତ୍ରୀଙ୍କ ସମର୍ଥନ ଲୋଡ଼ିଛନ୍ତି । ଛାତ୍ର ସଂସଦ ନିର୍ବାଚନରେ ମୌଳିକ ସୁବିଧା, ଭିତିଭୂମି, କ୍ୟାମ୍ପସରେ ସୁରକ୍ଷା, ହଷ୍ଟେଲ ସମସ୍ୟାର ସମାଧାନ, ଜେନ୍‌ଜି ପ୍ରମୁଖ ପ୍ରସଙ୍ଗ ପାଲଟିବ ।

## ଦଶହରାରେ ଲଘୁଚାପ ଆଶଙ୍କା : ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର: ଅକ୍ଟୋବର ଗରମରୁ ମିଳିବ ଆଶ୍ୱସ୍ତି । ରାଜ୍ୟରେ ୨ରୁ ୩ ଡିଗ୍ରୀ କମିବ ତାପମାତ୍ରା । ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ପାଇଁ ଆଜି ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ କରାଯାଇଛି । ବଜ୍ରପାତ ଓ ଝଡ଼ପବନ ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର । କେତେକ ସ୍ଥାନରେ ଘଂଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ । ସେପଟେ ଓଡ଼ିଶାରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ବିଦାୟ ପ୍ରକ୍ରିୟା ଆରମ୍ଭ ହୋଇଛି । ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ର କିଛି ଅଂଚଳରୁ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି । ଆସନ୍ତା ୩ରୁ ୪ ଦିନରେ ପୂର୍ବ ଭାରତର ଆହୁରି କିଛି ଅଂଚଳରୁ ମୌସୁମୀ ବାୟୁ ବିଦାୟ ନେବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି । ୧୪ ତାରିଖ ଯାଏ ଦେଶରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଆଇଏମ୍‌ଡି ଆକଳନ କରିଛି । ସେହିଭଳି ୧୫ରୁ ୨୧ ତାରିଖ ଭିତରେ ପୂରା ଦେଶରୁ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି । ଅନ୍ୟପଟେ ଆସନ୍ତା ୧୧ ତାରିଖ ବେଳକୁ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ୧୩ ତାରିଖ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଏହା ଲଘୁଚାପରେ ପରିଣତ ହୋଇପାରେ । ଏହା ଉତର, ପଶ୍ଚିମ ଦିଗରେ ମୁହାଁଇ ଉତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡ଼କୁ ଯାଇପାରେ । ଓଡ଼ିଶା ଉପରେ ଏହାର ପ୍ରଭାବ ପଡ଼ିନପାରେ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ବିସ୍ତାରିତ ଆକଳନରୁ ଜଣାପଡ଼ିଛି ।



### ବାର୍ତ୍ତା

"ଆଜିକାଲି" ଓଡ଼ିଆ ଦୈନିକର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ପତ୍ରିକାର ସମ୍ପାଦକ, ସାମ୍ବାଦିକ, କର୍ମକର୍ତ୍ତା, ପ୍ରତିନିଧି ଓ ଅଗଣିତ ପାଠକ-ପାଠିକାଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଅନ୍ତରଙ୍ଗ ଶୁଭେଚ୍ଛା ।

ଚାରି ଦଶନ୍ଧିର ଏହି ଦୀର୍ଘ ଯାତ୍ରା କେବଳ ଏକ ସମ୍ବାଦପତ୍ରର ଯାତ୍ରା ନୁହେଁ; ଏହା ସତ୍ୟର ସନ୍ଧାନ, ନିର୍ଭୀକ ସାମ୍ବାଦିକତା, ଜନସ୍ୱରର ପ୍ରତିଫଳନ ଏବଂ ଓଡ଼ିଆ ମାଟିର ଭାଷା-ସାହିତ୍ୟ ଓ ସଂସ୍କୃତିର ସୁରକ୍ଷାର ଏକ ଗୌରବମୟ ଅଧ୍ୟାୟ । ସମାଜର ଅନ୍ଧକାର କୋଣରେ ସଚେତନତାର ଆଲୋକ ପ୍ରଜ୍ୱଳିତ କରିବା ସହିତ ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ଓ ସମସ୍ୟାକୁ ନିରନ୍ତର ଭାବେ ସମାଜ ସମ୍ମୁଖରେ ପହଞ୍ଚାଇବାରେ 'ଆଜିକାଲି'ର ଭୂମିକା ଉଲ୍ଲେଖନୀୟ ।

କଲମର ଶକ୍ତି ଯେତେବେଳେ ଜନମତର ସ୍ୱର ହୁଏ, ସେତେବେଳେ ସାମ୍ବାଦିକତା ଏକ ମହାନ ସାମାଜିକ ଦାୟିତ୍ୱରେ ପରିଣତ ହୁଏ । ଏହି ଦାୟିତ୍ୱବୋଧକୁ ସାଥୀ କରି 'ଆଜିକାଲି' ଦୀର୍ଘ ୪୦ ବର୍ଷ ଧରି ଓଡ଼ିଶାର ଜନଜୀବନ ସହିତ ଯୋଡ଼ି ରହିଛି-ଏହା ନିଶ୍ଚିତ ଭାବେ ଗର୍ବର ବିଷୟ ।

ଏହି ଶୁଭ ଅବସରରେ 'ଆଜିକାଲି' ଆହୁରି ଅନେକ ଦଶନ୍ଧି ଧରି ସତ୍ୟ, ସାହସ ଓ ସାମାଜିକ ସଚେତନତାର ଅକ୍ଷୟ ମଶାଲ ଭାବେ ଜନମାନସକୁ ଆଲୋକିତ କରୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାର ଗୌରବକୁ ଆହୁରି ସମୃଦ୍ଧ କରୁ-ଏହା ମୋର ଆନ୍ତରିକ କାମନା ।

୪୦ତମ ପ୍ରତିଷ୍ଠା ଦିବସର ଅନେକ ଅନେକ ଶୁଭେଚ୍ଛା ।
'ଆଜିକାଲି'ର ଯାତ୍ରା ହେଉ ଆହୁରି ଦୀର୍ଘ, ଗୌରବମୟ ଓ ଜନମୁଖୀ ।

ଶୁଭେଚ୍ଛାତେ
(ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ଶେଖର ମହାପାତ୍ର, ବିଧାୟକ)
ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି, ଭଦ୍ରକ



### ବାର୍ତ୍ତା

"ଆଜିକାଲି" ଖବର କାଗଜର ୪୦ତମ ପ୍ରତିଷ୍ଠା ଦିବସ ଅବସର ରେ ହାର୍ଦ୍ଦିକ ଶୁଭେଚ୍ଛା ।

ଓଡିଶା ଭାଷା ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଦୀର୍ଘ ୪୦ ବର୍ଷ ଧରି ନିରନ୍ତର ସେବା ଯୋଗାଇ ଆସୁଥିବା "ଆଜିକାଲି" ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ମୋର ଆନ୍ତରିକ ଅଭିନନ୍ଦନ ।

ସତ୍ୟ, ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତାର ପ୍ରତୀକ ଭାବେ "ଆଜିକାଲି" ଘରେ ଘରେ ପରିଚିତ । ଆପଣ ମାନଙ୍କର ଏହି ଯାତ୍ରା ଦୀର୍ଘ ହେଉ । ଓଡିଆ ଭାଷା ସଂସ୍କୃତି ଓ ଓଡିଆ ଅସ୍ମିତା ର ସୁରକ୍ଷା ର ଏହି ଯାତ୍ରା ପାଇଁ ଅନେକ ଅନେକ ଶୁଭେଚ୍ଛା ।

"ଆଜିକାଲି" ର ସମ୍ବାଦିକ ମଣ୍ଡଳୀ ସାମ୍ବାଦିକ ବନ୍ଧୁ ଓ ସମସ୍ତ ପାଠକ ପାଠିକାଙ୍କୁ ହୃଦୟ ରୁ ମୋର ଶୁଭକାମନା ।

(ଟଙ୍କଧର ତ୍ରିପାଠୀ)
ବିଧାୟକ, ଝାରସୁଗୁଡା




KANDHAMAL haladi **KASAM** PHULBANI

(Kandhamal Apex Spices Association for Marketing)
(ISO 22000:2018 & HACCP CERTIFIED)
Pure, Natural & Organic products of the hilly land of Kandhamal are available here.
Netaji Subash Bose Road, Phulbani, Kandhamal – 762 001, ODISHA
Ph: 06842 – 253022
E-mail: orissakasam@rediffmail.com / kasam.organic@gmail.com
Visit us at: kasamorganic.com

### ଶୁଭେଚ୍ଛା ବାର୍ତ୍ତା



ସାମ୍ବାଦିକତାରେ ନିରବଚ୍ଛିନ୍ନ ନିରପେକ୍ଷତା, କଠିନ ଅଧ୍ୟବସାୟ ତଥା ସତ୍ୟ ସମ୍ବଳିତ ତଥ୍ୟାବଳୀର ଅନନ୍ୟ ପରିଚୟ ହେଉଛି ଦୈନିକ ସମ୍ବାଦପତ୍ର 'ଆଜିକାଲି' । ଏହି ଖବରକାଗଜଟି ଓଡ଼ିଶାର କୋଣ ଅନୁକୋଣରେ ଧୀରେ ଧୀରେ ଜନାଦୃତ ହେବାରେ ଲାଗିଛି । ଗ୍ରାମାଂଚଳଠାରୁ ଆରମ୍ଭ କରି ସମଗ୍ର ରାଜ୍ୟ, ଦେଶ ଓ ବିଦେଶର ବିଭିନ୍ନ ଖବରକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ସହିତ ଦୁର୍ନୀତିଗ୍ରସ୍ତ ସମାଜ ଓ ସରକାରଙ୍କୁ ସଚେତନ କରିବାରେ ଏହା ଏକ ବଳିଷ୍ଠ ଗଣମାଧ୍ୟମ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସାମ୍ପ୍ରତିକ ସମାଜର ସାମାଜିକ ଚିତ୍ରପଟକୁ ସାଧାରଣ ଲୋକଲୋଚନକୁ ଆଣି ଧୀରେ ଧୀରେ ଜନାଦୃତ ହେବା ସହିତ ଆଗାମୀ ଦିନରେ ଏହା ସର୍ବଜନପ୍ରିୟ ହେଉ, ଏହାହିଁ ମୋର ଏକାନ୍ତ କାମନା । ଆଜି ଦୈନିକ ସମ୍ବାଦପତ୍ର 'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ସମ୍ବାଦପତ୍ରର ସମସ୍ତ ପରିବାର ସଦସ୍ୟ ଓ ସଦସ୍ୟାମାନଙ୍କୁ ଜଣାଉଛି ଶାରଦୀୟ ଶୁଭେଚ୍ଛା, ଶୁଭକାମନା ଓ ଅନ୍ତରିକ ଅଭିନନ୍ଦନ ।

**ପ୍ରଫେସର ପ୍ରିୟବ୍ରତ ପଣ୍ଡା**
ଅଧ୍ୟକ୍ଷ, ଧ୍ରୁବଚରଣ ସଂସ୍କୃତ ମହାବିଦ୍ୟାଳୟ
ଲତାଜୁଡ଼ି, ବାଲେଶ୍ୱର ।

### ଶୁଭେଚ୍ଛା ବାର୍ତ୍ତା



'ଆଜିକାଲି' ଏକ ଅଗ୍ରଣୀ ଓଡିଆ ଦୈନିକ ଖବର କାଗଜ । ଯେଉଁ ଖବର କାଗଜଟି ପ୍ରିଂଟ ମିଡିଆ କ୍ଷେତ୍ରରେ ନିଜର ଆଧିପତ୍ୟ ସାରା ଓଡ଼ିଶାରେ ପକାଇ ଥିବା ବେଳେ,ଖବର କାଗଜରେ ଦୈନିକ ସମାଜର ଅବହେଳିତ ନିଷ୍ପେସିତ ତଥା ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉଠାଇ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ପାରିଛି । ତେବେ ଦୈନିକ ଖବରକାଗଜ ଆଜିକାଲି ର ଚାଳିଶ ତମ ପ୍ରତିଷ୍ଠା ଦିବସରେ ମୋ ତରଫରୁ ସଂପାଦକ ସଂପାଦନା ମଣ୍ଡଳୀ ଙ୍କ ସହ ସମସ୍ତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ପ୍ରତିନିଧିଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଆଗାମୀ ଦିନରେ ଆଜିକାଲି ପରିବାର ଆହୁରି ମଜବୁତ ହେବା ସହ,ନିଜର ସ୍ୱରକୁ ଅଧିକ ଶାଣିତ କରିବା ପାଇଁ ଜଗନ୍ନାଥ ଙ୍କ ଠାରେ ପ୍ରାର୍ଥନା କରୁଛି ।

ନିବେଦକ
**ଅଜୟ ଦଳାଇ**
ସମାଜସେବୀ, ବାଲିକୁଟୀ, ବାଲିଆପାଳ




### ଶୁଭେଚ୍ଛା ବାର୍ତ୍ତା



'ଆଜିକାଲି' ଏକ ଅଗ୍ରଣୀ ଓଡିଆ ଦୈନିକ ଖବର କାଗଜ । ଯେଉଁ ଖବର କାଗଜଟି ପ୍ରିଂଟ ମିଡିଆ କ୍ଷେତ୍ରରେ ନିଜର ଆଧିପତ୍ୟ ସାରା ଓଡ଼ିଶାରେ ପକାଇ ଥିବା ବେଳେ,ଖବର କାଗଜରେ ଦୈନିକ ସମାଜର ଅବହେଳିତ ନିଷ୍ପେସିତ ତଥା ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉଠାଇ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ପାରିଛି । ତେବେ ଦୈନିକ ଖବରକାଗଜ ଆଜିକାଲି ର ଚାଳିଶ ତମ ପ୍ରତିଷ୍ଠା ଦିବସରେ ମୋ ତରଫରୁ ସଂପାଦକ ସଂପାଦନା ମଣ୍ଡଳୀ ଙ୍କ ସହ ସମସ୍ତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ପ୍ରତିନିଧିଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଆଗାମୀ ଦିନରେ ଆଜିକାଲି ପରିବାର ଆହୁରି ମଜବୁତ ହେବା ସହ,ନିଜର ସ୍ୱରକୁ ଅଧିକ ଶାଣିତ କରିବା ପାଇଁ ଜଗନ୍ନାଥ ଙ୍କ ଠାରେ ପ୍ରାର୍ଥନା କରୁଛି ।

ନିବେଦକ
**ଡମ୍ବରୁ ଧର ଦଳାଇ**
ସମାଜସେବୀ, ବାଲିକୁଟୀ, ବାଲିଆପାଳ

### ଶୁଭେଚ୍ଛା ବାର୍ତ୍ତା



"ଆଜିକାଲି" ଏକ ଅଗ୍ରଣୀ ଓଡ଼ିଆ ଦୈନିକ ଖବରକାଗଜ । ପ୍ରିଂଟ ମିଡିଆ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରା ଓଡ଼ିଶାରେ ନିଜର ପ୍ରଭାବ ପକାଇପାରିଛି । ଏହି ଖବରକାଗଜ ଦୈନିକ ସମାଜର ଅବହେଳିତ, ନିଷ୍ପେଷିତ ଲୋକଙ୍କ ସମସ୍ୟା ସହିତ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉଠାଇ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଛି । ତେବେ ଦୈନିକ ଖବରକାଗଜ "ଆଜିକାଲି"ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ମୋ ତରଫରୁ ସମ୍ପାଦକ, ସମ୍ପାଦନା ମଣ୍ଡଳୀ ତଥା ସମସ୍ତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ପ୍ରତିନିଧିମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା । ଆଗାମୀ ଦିନରେ "ଆଜିକାଲି ପରିବାର" ଆହୁରି ମଜବୁତ ହେବା ସହିତ ନିଜର ସ୍ୱରକୁ ଅଧିକ ଶାଣିତ କରି ସମାଜର ଅବହେଳିତ ଓ ନିଷ୍ପେଷିତ ଲୋକଙ୍କ ସ୍ୱର ପାଲଟିବ—ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ମୋର ପ୍ରାର୍ଥନା ।

ନିବେଦକ
**ବଳରାମ ପୁଷ୍ଟି**
ସମାଜସେବୀ, ସୁନ୍ଦରକୋଇଲି, ବାଲିଆପାଳ

### ଶୁଭେଚ୍ଛା ବାର୍ତ୍ତା



"ଆଜିକାଲି" ଏକ ଅଗ୍ରଣୀ ଓଡ଼ିଆ ଦୈନିକ ଖବରକାଗଜ । ପ୍ରିଂଟ ମିଡିଆ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରା ଓଡ଼ିଶାରେ ନିଜର ପ୍ରଭାବ ପକାଇପାରିଛି । ଏହି ଖବରକାଗଜ ଦୈନିକ ସମାଜର ଅବହେଳିତ, ନିଷ୍ପେଷିତ ଲୋକଙ୍କ ସମସ୍ୟା ସହିତ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉଠାଇ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଛି । ତେବେ ଦୈନିକ ଖବରକାଗଜ "ଆଜିକାଲି"ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ମୋ ତରଫରୁ ସମ୍ପାଦକ, ସମ୍ପାଦନା ମଣ୍ଡଳୀ ତଥା ସମସ୍ତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ପ୍ରତିନିଧିମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା । ଆଗାମୀ ଦିନରେ "ଆଜିକାଲି ପରିବାର" ଆହୁରି ମଜବୁତ ହେବା ସହିତ ନିଜର ସ୍ୱରକୁ ଅଧିକ ଶାଣିତ କରି ସମାଜର ଅବହେଳିତ ଓ ନିଷ୍ପେଷିତ ଲୋକଙ୍କ ସ୍ୱର ପାଲଟିବ—ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ମୋର ପ୍ରାର୍ଥନା ।

ନିବେଦକ
**କମଳ ଲୋଚନ ସାମଲ**
ସମାଜସେବୀ, ନୂଆଗାଁ, ବାଲିଆପାଳ

### ଶୁଭେଚ୍ଛା ବାର୍ତ୍ତା



"ଆଜିକାଲି" ଏକ ଅଗ୍ରଣୀ ଓଡ଼ିଆ ଦୈନିକ ଖବରକାଗଜ । ପ୍ରିଂଟ ମିଡିଆ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରା ଓଡ଼ିଶାରେ ନିଜର ପ୍ରଭାବ ପକାଇପାରିଛି । ଏହି ଖବରକାଗଜ ଦୈନିକ ସମାଜର ଅବହେଳିତ, ନିଷ୍ପେଷିତ ଲୋକଙ୍କ ସମସ୍ୟା ସହିତ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉଠାଇ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଛି । ତେବେ ଦୈନିକ ଖବରକାଗଜ "ଆଜିକାଲି"ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ମୋ ତରଫରୁ ସମ୍ପାଦକ, ସମ୍ପାଦନା ମଣ୍ଡଳୀ ତଥା ସମସ୍ତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ପ୍ରତିନିଧିମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା । ଆଗାମୀ ଦିନରେ "ଆଜିକାଲି ପରିବାର" ଆହୁରି ମଜବୁତ ହେବା ସହିତ ନିଜର ସ୍ୱରକୁ ଅଧିକ ଶାଣିତ କରି ସମାଜର ଅବହେଳିତ ଓ ନିଷ୍ପେଷିତ ଲୋକଙ୍କ ସ୍ୱର ପାଲଟିବ—ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ମୋର ପ୍ରାର୍ଥନା ।

ନିବେଦକ
**ଅନିଲ କୁମାର ଦେବନାଥ**
ସମାଜସେବୀ, ନୂଆଗାଁ, ବାଲିଆପାଳ

### ଶୁଭେଚ୍ଛା ବାର୍ତ୍ତା



ନିଷ୍ପେଷିତଙ୍କ ମନର କଥାକୁ ଲୋକଲୋଚନକୁ ଆଣି ଖୁବ୍ ସୁନ୍ଦର ଓ ସରଳ ଭାବରେ ପ୍ରକାଶ କରୁଥିବା ଖବରକାଗଜର ନାମ 'ଆଜିକାଲି' ବୋଲି ମୋର ହୃଦବୋଧ ହୁଏ ।
ଆଜିର ସମାଜର ନିଛକ ପ୍ରତିଛବିକୁ ରୂପ ଦେବାରେ କେବେ ବି ଏହି ଖବରକାଗଜ କୁଣ୍ଠାବୋଧ କରିନାହିଁ । ଏଥିପାଇଁ 'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସରେ ଆଜିକାଲିର ସମଗ୍ର ପରିବାରକୁ ମୋର ଅଶେଷ ଧନ୍ୟବାଦ ଓ ଶୁଭେଚ୍ଛା ।

ଅଧ୍ୟକ୍ଷ,
କମଳା କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟ,
ଫଂଚୁପାଳି, ବାଲେଶ୍ୱର ।

### ଶୁଭେଚ୍ଛା ବାର୍ତ୍ତା



ନିଷ୍ପେଷିତଙ୍କ ମନର କଥାକୁ ଲୋକଲୋଚନକୁ ଆଣି ଖୁବ୍ ସୁନ୍ଦର ଓ ସରଳ ଭାବରେ ପ୍ରକାଶ କରୁଥିବା ଖବରକାଗଜର ନାମ 'ଆଜିକାଲି' ବୋଲି ମୋର ହୃଦବୋଧ ହୁଏ ।
ଆଜିର ସମାଜର ନିଛକ ପ୍ରତିଛବିକୁ ରୂପ ଦେବାରେ କେବେ ବି ଏହି ଖବରକାଗଜ କୁଣ୍ଠାବୋଧ କରିନାହିଁ । ଏଥିପାଇଁ 'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସରେ ଆଜିକାଲିର ସମଗ୍ର ପରିବାରକୁ ମୋର ଅଶେଷ ଧନ୍ୟବାଦ ଓ ଶୁଭେଚ୍ଛା ।

**ପ୍ରଶାନ୍ତ ସାମନ୍ତ**
ନିବେଦକ
ମହାବାଳା, ବାଲେଶ୍ୱର

### ଶୁଭେଚ୍ଛା ବାର୍ତ୍ତା



'ଆଜିକାଲି' ଦୈନିକ ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।

**ଶୁଭମ କୁମାର ପାତ୍ର**
ଆଇଟି ସେଲ ସଦସ୍ୟ, ମୟୁରଭଞ୍ଜ ପୂର୍ବ ଜିଲ୍ଲା ।

### ଶୁଭେଚ୍ଛା ବାର୍ତ୍ତା



**ପ୍ରିତିଶ କୁମାର ମହାପାତ୍ର**
ସମାଜ ସେବୀ, କୁପାରୀ ୩ନଂ ଜୋନର ଯୁବମୋର୍ଚ୍ଚା ମଣ୍ଡଳ ସଭାପତି

### ଶୁଭେଚ୍ଛା ବାର୍ତ୍ତା



'ଆଜିକାଲି' ଏକ ଅଗ୍ରଣୀ ଓଡ଼ିଆ ଦୈନିକ ଖବର କାଗଜ । ଯେଉଁ ଖବର କାଗଜଟି ପ୍ରିଂଟ ମିଡିଆ କ୍ଷେତ୍ରରେ ନିଜର ଆଧିପତ୍ୟ ସାରା ଓଡ଼ିଶାରେ ପକାଇ ଥିବା ବେଳେ,ଖବର କାଗଜରେ ଦୈନିକ ସମାଜର ଅବହେଳିତ ନିଷ୍ପେସିତ ତଥା ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉଠାଇ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ପାରିଛି । ତେବେ ଦୈନିକ ଖବରକାଗଜ ଆଜିକାଲି ର ଚାଳିଶ ତମ ପ୍ରତିଷ୍ଠା ଦିବସରେ ମୋ ତରଫରୁ ସଂପାଦକ ସଂପାଦନା ମଣ୍ଡଳୀ ଙ୍କ ସହ ସମସ୍ତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ପ୍ରତିନିଧିଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଆଗାମୀ ଦିନରେ ଆଜିକାଲି ପରିବାର ଆହୁରି ମଜବୁତ ହେବା ସହ,ନିଜର ସ୍ୱରକୁ ଅଧିକ ଶାଣିତ କରିବା ପାଇଁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛି ।

ନିବେଦକ
**ଅଞ୍ଜନ କୁମାର ଦେବନାଥ**
ସମାଜସେବୀ, ନୂଆଗାଁ, ବାଲିଆପାଳ

### ଶୁଭେଚ୍ଛା ବାର୍ତ୍ତା



ଆଜିକାଲି ଦୈନିକ ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଅଂଚଳବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁଖ ସମୃଦ୍ଧି କାମନା କରୁଛୁ ।

**ଖୁଂଟା ପଂଚାୟତ ସମିତି କାର୍ଯ୍ୟାଳୟ, ଖୁଂଟା**

### ଶୁଭେଚ୍ଛା ବାର୍ତ୍ତା




'ଆଜିକାଲି' ଦୈନିକ ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ମୋ ପଂଚାୟତବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ମଙ୍ଗଳ କାମନା କରୁଛି ।

**ଶ୍ରୀ ସୁଚଂଚି ବେହେରା**
ସରପଂଚ, ଡୁକୁରା ଗ୍ରାମ ପଂଚାୟତ

### ଶୁଭେଚ୍ଛା ବାର୍ତ୍ତା



**ସୁବାଶିଷ ଜେନା**
ସମାଜ ସେବୀ, ଖଇରା

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**